KOYAL Series
Samagra Shiksha, Odisha
2019-20

ଗିଜୁଭାଇଙ୍କ ଫୁଲପେଣ୍ଡା– ୪

# ଥଣ୍ଡା ଥଣ୍ଡା ବରଷାଟୋପା

## ଗିଜୁଭାଇ ବଧେକା

ଅନୁବାଦ
ସଂଘମିତ୍ରା ମିଶ୍ର



ପ୍ରସ୍ତୁତି ଓ ଚିତ୍ରାଙ୍କନ
ଆବିଦ ସୁରତୀ

ISBN 978-81-237-6490-0

ପ୍ରଥମ ସଂସ୍କରଣ 2012

ପୁନର୍ମୁଦ୍ରଣ 2020 (ଦୁଇ ଥର) (ଶକାବ୍ଦ 1942)

ଓଡ଼ିଆ ଅନୁବାଦ © ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Original : Barfili Boond *(Hindi)*

Translation : Thanda Thanda Barashatopa *(Odia)*

**₹ 70.00**

ନିର୍ଦ୍ଦେଶକ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ
ନେହେରୁ ଭବନ, 5, ଇନ୍ଷ୍ଟିଚ୍ୟୁସନାଲ ଏରିଆ, ଫେଜ୍ - II
ବସନ୍ତକୁଞ୍ଜ, ନୂଆ ଦିଲ୍ଲୀ - 110070 କର୍ତ୍ତୃକ ପ୍ରକାଶିତ
Website : www.nbtindia.gov.in

ନେହେରୁ ବାଳ ପୁସ୍ତକାଳୟ

ଗିଜୁଭାଇଙ୍କ ଫୁଲପେନ୍ଥା– ୪

# ଥଣ୍ଡା ଥଣ୍ଡା ବରଷାଟୋପା


ଗିଜୁଭାଇ ବଧେକା

ଅନୁବାଦ

ସଂଘମିତ୍ରା ମିଶ୍ର

ପ୍ରସ୍ତୁତି ଓ ଚିତ୍ରାଙ୍କନ

ଆବିଦ ସୁରତୀ



nbt.india

एकः सूते सकलम्

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

ଏକଆଖିଆ ଚଢ଼େଇ

ଖନି ବେଗମ୍

ଛଅଟି ନମୁନା

ଥଣ୍ଡା ଥଣ୍ଡା ବରଷା ଟୋପା

ଅକଲ ଗୁଡୁମ୍ ହୋଇଗଲା

ଓଲଟା ଗଙ୍ଗା

ଫୁଲେଇ ମୟୂରୀ

ତିତାକଣ୍ଢ ଶୀତଲମ୍

ଭୂତ, ପ୍ରେତ ନା ମୂଷିକା

କୁଟିଳ ବୁଦ୍ଧିବାଲା ଦୋକାନୀ



# ଏକଆଖିଆ ଚଢ଼େଇ

ଜଣେ ଚାଷୀ ଥିଲା । ସେ ତା' ଜମିରେ ଯଅ ଲଗାଇଥିଲା । ଯଅ କେଣ୍ଡା ହେଲା । ତହିଁରେ ଦାନା ଧରିଲା । ଗୋଟିଏ ଗୋଟିଏ ଦାନା ମୋତି ଭଳି ସୁନ୍ଦର ଥିଲା । ଥରେ ଚଢ଼େଇମାନେ ତା' ଜମିରୁ ଦାନା ଖାଇବାକୁ ଚିନ୍ତା କଲେ । ସମସ୍ତେ ତା' କ୍ଷେତରେ ଏକାଠି ପହଞ୍ଚିଗଲେ । ସାଙ୍ଗ ହୋଇ ଦୁଧିଆ କଅଁଳିଆ ଯଅଦାନା ଖୁଣ୍ଟିବାରେ ଲାଗିଲେ । ସେତେବେଳେ ଚାଷୀ ଆସି ପହଞ୍ଚିଗଲା । ସାଙ୍ଗେ ସାଙ୍ଗେ ସେ ନିଜର ଜାଲ ବିଛାଇ ଦେଲା । ସବୁଯାକ ଚଢ଼େଇ ଉଡ଼ିଗଲେ । ଗୋଟିଏ ବିଚାରୀ ଏକଆଖିଆ ଚଢ଼େଇ ଜାଲରେ ପଡ଼ିଗଲା । ଚାଷୀ ତାକୁ ଧରି ବାନ୍ଧି ପକାଇଲା । ସେ ତାକୁ ଛଡ଼ିରେ ପିଟିବାକୁ ଲାଗିଲା । ଚଢ଼େଇ ଛଟପଟ ହେଉଥାଏ । ଦୂରରେ ବାଡ଼ ପାଖରେ ଜଣେ ଗଉଡ଼ ଯାଉଥିଲା, ତାକୁ ଦେଖି ଚଢ଼େଇ କହିଲା :

ହେ ମୋ ଗାଁର ଗଉଡ଼
ଭାଇ
ଗୋଟିଏ ଆଖିଆ ମୁଁ ତ
ଚଢ଼େଇ
ମତେ ବଞ୍ଚାଅ ମୋ ଗେହ୍ଲା
ଭାଇ ।



ଚଢ଼େଇର ପାଟି ଶୁଣି ଗଉଡ଼ କ୍ଷେତରେ ପହଞ୍ଚିଲା । ସେ ଦେଖିଲା ଚାଷୀଟି ଚଢ଼େଇକୁ ବାଡ଼ିରେ ପିଟୁଛି । ସେ କହିଲା, ''ତାକୁ ମାରନି । ଛାଡ଼ି ଦିଅ । ବିଚାରୀର ଗୋଟିଏ ଆଖି ।'' ଚାଷୀ ରାଗିଗଲା- ''କେମିତି ଛାଡ଼ିଦେବି ? ମୁଁ ତ ତାକୁ ଥାନାକୁ ନେଇ ଆହୁରି ମାଡ଼ ମରାଇବି । ତୁମେ କ'ଣ ଜାଣିଛ, ସେ ମୋର କେତେ କ୍ଷତି କରିଛି ?''

ଗଉଡ଼ କହିଲା- ''ଏମିତି କର । ତୁମେ ମୋର ଗୋଟିଏ ଗାଈ ରଖ ଆଉ ତାକୁ ଛାଡ଼ିଦିଅ ।''

ଚାଷୀ କହିଲା- ''ଏଠୁ ଚଞ୍ଚଳ ପଳାଅ । ନ ହେଲେ ତୁମକୁ ବି ଥାନାରେ ବନ୍ଦ କରିଦେବି । ଗଉଡ଼ ନିଜ ଗାଈମାନଙ୍କ ସହିତ ଆଗକୁ ଚାଲିଗଲା । କିଛି ସମୟ ପରେ ସେ ରାସ୍ତାରେ ଜଣେ ମଇଁଷିଆଳ ଯାଉଥିଲା । ତାକୁ ଦେଖି ଚଢ଼େଇ ପୁଣି ବିକଳରେ କହିଲା-

**ଶୁଣ ଶୁଣ ହେ ମୋର ମଇଁଷିଆଳ ଭାଇ**
**ଗୋଟେ ଆଖିବାଲା ମୁଁ ଯେ ଚଢ଼େଇ**
**ମତେ ବଞ୍ଚାଅ ହେ ମୋର ଭାଇ ।**

ଚଢ଼େଇର ପାଟି ଶୁଣି ମଇଁଷିଆଳ କ୍ଷେତରେ ପହଞ୍ଚିଲା । ସେ ଦେଖିଲା ଯେ ଚାଷୀଟିଏ ଗୋଟିଏ ଚଢ଼େଇକୁ ବାଡ଼ିରେ ପିଟୁଛି । ସେ କହିଲା, ''ଆରେ ଭାଇ, ତାକୁ ଛାଡ଼ି ଦିଅ, ବିଚାରୀର ଗୋଟିଏ ଆଖି ନାହିଁ ।''

ଚାଷୀ ରାଗିଗଲା- ''ନା, ମୁଁ ଯାକୁ କେବେ ଛାଡ଼ିବି ନାହିଁ । ଏ ମୋର ଖୁବ୍ କ୍ଷତି କରିଛି । ମୁଁ ତ ଯାକୁ ଫାଶୀରେ ଲଟକାଇ ଦେବି ।''

ମଇଁଷିଆଳ କହିଲା- ''ଭାଇ, ଯଦି ତୁମ କ୍ଷତିର ପ୍ରଶ୍ନ, ତେବେ ମୋର ଗୋଟିଏ ମଇଁଷି ରଖ ଓ ବିଚାରୀ ଚଢ଼େଇକୁ ଛାଡ଼ିଦିଅ ।''

ଏହା ଶୁଣି ଚାଷୀ ବିରକ୍ତ ହେଲା- ''ଏଠୁ ଯେତେ ଶୀଘ୍ର ପାରୁଛୁ ପଳା, ନ ହେଲେ ତୋର ରକ୍ଷା ନାହିଁ ।

ସେ କହିଲା- ଏ ବଦ୍‌ମାସ ସାଙ୍ଗରେ କିଏ ଉଇବାଚ ହେବ ?'' ମଇଁଷିଆଳ ନିଜ ମଇଁଷିମାନଙ୍କୁ ଧରି ଆଗକୁ ଚାଲିଗଲା । ସେଇ ବାଟେ ଜଣକ ପରେ ଜଣେ ଛେଳି ଚରାଳି, ଘୋଡ଼ା ଚରାଳି ଓ ଓଟ

ଚରାଳି ଗଲେ । କିନ୍ତୁ ଚାଷୀ ସମସ୍ତଙ୍କୁ ଗାଳିମନ୍ଦ ଦେଇ ବିଦା କରିଦେଲା । ତା'ପରେ ସେ ଚଢ଼େଇଟିକୁ ଧରି ଥାନାକୁ ବାହାରିଲା । ବହୁତ ଖରା ହେଉଥିଲା । ରାସ୍ତାରେ ଚାଷୀଟି ଗୋଟିଏ ଗଛତଳେ ବସିପଡ଼ିଲା । ସେଠି ଚାରିଜଣ କାବୁଲିବାଲା ବସିଥିଲେ । ତାଙ୍କୁ ଦେଖି ଚଢ଼େଇ କହିଲା-

**ଶୁଣ ଶୁଣ ମୋର କାବୁଲିବାଲା ଭାଇ**
**ଗୋଟେ ଆଖିବାଲା ମୁଁ ଯେ ଚଢ଼େଇ**
**ମୋତେ ବଞ୍ଚାଅ ମୋ ସ୍ନେହର ଭାଇ ।**

ଚଢ଼େଇର ବିକଳ ଶୁଣି କାବୁଲିବାଲାମାନେ ଚାଷୀ ପାଖକୁ ଆସିଲେ । ଜଣେ କହିଲା- ''ସୈତାନର ପିଲା, ଚଢ଼େଇକୁ ଛାଡ଼ ନ ହେଲେ ଆମେ ତୋ ଦୁଇ ଆଖିର ଆଲୁଅ ଲିଭାଇ ଦେବୁ ।''

ଚାଷୀ କହିଲା- ''ଏ କ୍ରୋଧ ଆଉ କାହାକୁ ଦେଖାଇବ । ମୁଁ ଡରିଲାବାଲା ନୁହେଁ ।'' କାବୁଲିବାଲାମାନଙ୍କର ରାଗ ହେଲା । ସେମାନେ ଚାଷୀକୁ ମାଡ଼ିବସିଲେ । ଚାଷୀର ବୁଦ୍ଧି ହଜିଗଲା । ସେ ଚଢ଼େଇକୁ ସାଙ୍ଗେ ସାଙ୍ଗେ ଛାଡ଼ି ଦେଲା । ଚଢ଼େଇ ଉଡ଼ି ଉଡ଼ି ଆନନ୍ଦରେ ଚିତ୍କାର କରି ନିଜ ଦଳରେ ମିଶିଗଲା ।





# ଖନି ବେଗମ୍

ଜଣେ ନବାବ ଥିଲେ । ତାଙ୍କର ତିନିଜଣ ବେଗମ୍ ଥିଲେ । ତିନିଜଣଯାକ ଖନି ଥିଲେ । ନବାବ ଚତୁର୍ଥଥର ବିବାହ କରିବାକୁ ସ୍ଥିର କଲେ । ଭଲ ଘର ଦେଖି ବାହାଘର ଠିକ୍ ହେଲା । ଝିଅର ପ୍ରଶଂସା କରି ରାଜାଙ୍କ ବାରିକ କହିଥିଲା- ''ସେ କେବଳ ଦେଖିବାକୁ ନୁହେଁ ସ୍ୱଭାବରେ ମଧ୍ୟ ସୁନ୍ଦର । ନବାବଙ୍କ ମନ ଖୁସିରେ ଉଚ୍ଛୁଳୁଥିଲା । ସେ ବରଯାତ୍ରୀ ଦଳ ନେଇ ବାହାରିଲେ । ଏମିତି ସେ ଝିଅଟି ମଧ୍ୟ ଖନି ଥିଲା, ମାତ୍ର ତା'ର ମା' ବାପା ତାକୁ ବୁଝାଇଥିଲେ ଯେ ଆକାଶ ପଛେ ଛିଣ୍ଡିପଡୁ ତା' ତୁଣ୍ଡରୁ ଗୋଟିଏ ଶବ୍ଦ ଯେମିତି ନ ବାହାରେ । ବିବାହ ପରେ ନବାବ କନ୍ୟାକୁ ଆଣି ରାଜମହଲକୁ ଆସିଲେ । ତାଙ୍କ ମନ ଆନନ୍ଦରେ ଉଚ୍ଛନ୍ନ ହେଉଥିଲା ଯେ ନୂଆ ବେଗମ୍ ମିଠା ମିଠା କଥା କହି ତାଙ୍କ ହୃଦୟକୁ ଶାନ୍ତ କରି ଦେବେ । କିନ୍ତୁ ନୂଆ ବେଗମ୍ ଘୁଙ୍ଗୀ ଭଳି ଠିଆ ହୋଇ ରହିଲେ । ନବାବ ଚାହୁଁଥିଲେ ଯେ ବେଗମ୍ କିଛି କହନ୍ତୁ, ମାତ୍ର ସେ କାହିଁକି କିଛି କହନ୍ତେ ? ସେ ତ ଯେମିତି ତାଙ୍କ ଓଠ ସିଲେଇ କରିଥିଲେ । ନବାବ ଫିସ୍‌ଫିସ୍ କରି କହିଲେ ହାୟ- ''ମୁଁ କୂଅରୁ ବାହାରି ଖାଇରେ ପଡ଼ିଲି । ଖନିକୁ ଛାଡ଼ି କଥାକୁହାକୁ ଆଣିବାକୁ ଗଲି ଯେ ଘୁଙ୍ଗୀ କଣ୍ଢେଇ ହାବୁଡ଼ରେ ପଡ଼ିଲି ।''

ଦିନେ ଚତୁର୍ଥ ବେଗମ୍ ବଗିଚାକୁ ଫୁଲପାଇଁ ଗଲେ । ସେଠି ଗୋଟିଏ ପିମ୍ପୁଡ଼ି ତାଙ୍କୁ କାମୁଡ଼ି ଦେଲା । ସେ ଚିତ୍କାର କରିଉଠିଲେ । ''ଓହୋ ମତେ ତିମ୍ପୁଡ଼ି ତାଇଲାରେ ତାଇଲା ।''

ନବାବ ଝର୍କା ପାଖରେ ଠିଆ ହୋଇଥିଲେ । ସେ ଏ କଥା ଶୁଣିଲେ । ସେ ବୁଝିଗଲେ ଯେ ଚତୁର୍ଥ ବେଗମ୍ ମଧ୍ୟ ଖନି ।

ନବାବ ଏ କଥା ଗୋପନ ରଖିଲେ ଯେ ତାଙ୍କର ଚାରିଜଣଯାକ ବେଗମ୍ ଖନି । କିନ୍ତୁ କେତେ ଦିନ ? ଦେଓ୍ୱାନଙ୍କର ସନ୍ଦେହ ହେଲା । ନିଶ୍ଚେ ସାରୁ ଭିତରେ ମାରୁ ଅଛି । ସତ କଥା ଜାଣିବାକୁ ସେ ଦିନେ ନବାବଙ୍କୁ ଏକୁଟିଆ ପଚାରିଲେ- ''ହଜୁର, ଗାଁ ଲୋକମାନେ କୁହାକୁହି ହେଉଛନ୍ତି ଯେ ଆପଣଙ୍କର ଚାରିଜଣଯାକ ବେଗମ୍ ଖନି'' । ନବାବ କହିଲେ- ''ଦେଓ୍ୱାନ, ଗାଁ ଲୋକେ ତ ମୂର୍ଖ । କ'ଣ ଆପଣଙ୍କର ବି ମୁଣ୍ଡ ଖରାପ ହୋଇଗଲାଣି ?'' ଦେଓ୍ୱାନ କହିଲେ, ''ଆପଣ ମୋତେ ଆପଣଙ୍କ ଘରେ ଖାଇବା ପାଇଁ ନିମନ୍ତ୍ରଣ ଦେବେ ତ ମୋର ସନ୍ଦେହ ଦୂର ହେବ ।''


ନବାବ ଦେଓ୍ୱାନଙ୍କୁ ଭୋଜି ପାଇଁ ନିମନ୍ତ୍ରଣ ଦେଇଦେଲେ । ଯା ପୂର୍ବରୁ ସବୁ ବେଗମ୍‌ମାନଙ୍କୁ ଚେତାଇ ଦିଆଗଲା ଯେ କେହି ଯେମିତି ନିଜର ମୁହଁ ନ ଖୋଲନ୍ତି । ନବାବ୍ ଓ ଦେଓ୍ୱାନ ଖାଇବସିଲେ । ବିଭିନ୍ନ ପ୍ରକାର ରୋଷେଇ ହୋଇଥିଲା । ସିମେଇ ମଧ୍ୟ ହୋଇଥିଲା ।

ଦେଓ୍ୱାନ ଖୁବ୍ ଚେଷ୍ଟା କଲେ ଯେ ବେଗମ୍‌ମାନେ କିଛି କୁହନ୍ତୁ । କିନ୍ତୁ ଜଣେ କେହି ବି ମୁହଁ ଖୋଲିଲେନି । ସେତେବେଳେ ଦେଓ୍ୱାନଙ୍କ ମୁଣ୍ଡକୁ ଗୋଟେ କୌଶଳ ଆସିଗଲା । ସିମେଇ ଖୁବ୍ ସୁଆଦିଆ ହୋଇଥିଲା । ତାକୁ ଖାଉ ଖାଉ ଦେଓ୍ୱାନ ପ୍ରଶଂସା ଆରମ୍ଭ କରିଦେଲେ । ବେଗମ୍‌ମାନେ ଖୁସିରେ ଫୁଲିଉଠିଲେ ।

ଏହି ସୁଯୋଗ ନେଇ ଦେଓ୍ୱାନ ନବାବଙ୍କୁ ପଚାରିଲେ, ''ସରକାର, ଏ ସିମେଇ କିଏ ତିଆରି କରିଛି ?'' ଜବାବ ଜଣେ ବେଗମ୍ ଦେଲା- ''ଏ ସିମେଇ ତ ମୁଁ ତି ତି ତିଆରି କରିଛି ।'' ନବାବ ମନା କଲା ପରେ ବି ସେ ମୁହଁ ଖୋଲିଥିଲା । ତେଣୁ ଦ୍ୱିତୀୟ ବେଗମ୍ ସିଆଣିଆ ହୋଇ ତାକୁ କହିଲା, ''ମନା କଲା ପରେ ବି ତୁ କଥା କ କ କଇଲୁ କାଇଁକି ?'' ତୃତୀୟ ବେଗମ୍ ଭାବିଲା ଏ ତ ଖୁବ୍ ଖରାପ କଥା ହେଲା । ନବାବ ସଫା ସଫା ଚେତାଇ ଦେଇଥିଲେ 'ଖବରଦାର, କେହି କିଛି କହିବନି ।' ପୁଣି ଏ ଦି'ଜଣ କଥା କହିଲେ । ତା' ମନରେ ଟିକେ ରାଗ ଆସିଲା ।

ସେ ଆଉ ଟିକେ ସିଆଣିଆ ହୋଇ କଡ଼ା ସ୍ୱରରେ କହିଲା– 'ସେ କଇଲା ତ କଇଲା କିନ୍ତୁ ତୁ ତାଇଁକି କ କ କଇଲୁ ?'

ଚତୁର୍ଥ ବେଗମ୍ ଭାବିଲା ଏ ତିନିହେଁ ମହାମୂର୍ଖ । ଦେଓ୍ୱାନଙ୍କୁ ସବୁ ଜଣାପଡ଼ିଗଲାଣି । ତା'ର ଟିକେ ଗର୍ବ ମଧ୍ୟ ହେଲା । ଦେଓ୍ୱାନଙ୍କୁ ତ ତା ଗୋପନ କଥା ଏ ପର୍ଯ୍ୟନ୍ତ ଜଣାଯାଇ ନାହିଁ । ଏକଥା ଭାବି ସେ ଖୁସି ହୋଇ ଗର୍ବରେ କହିଲା– ''ମୁଁ ତ କିଛି କ କ କଇନି । ଆଉ ତେଇ କି କିଛି କ କଇନି ।'' ଏକଥା ଶୁଣି ନବାବ ଓ ଦେଓ୍ୱାନ ଉଭୟ ହସି ପକାଇଲେ ।




## ଛଅଟି ନମୁନା

### ୧. ଢାଠଓଲୁର କଥା

ଜଣେ ଚାଷୀର ପୁଅଟିଏ ଥିଲା । ସେ ଖୁବ୍ ମୂର୍ଖ ଥିଲା । ଥରେ ସେ ତା' କ୍ଷେତରୁ ଘରକୁ ଯାଉଥିଲା । ରାସ୍ତାରେ ତା'ର ଗୋଟିଏ ଘୋଡ଼ାବାଲା ସହିତ ଦେଖାହେଲା । ଘୋଡ଼ା ଦେଖି ତାକୁ କିଣିବାକୁ ପିଲାଟିର ଇଚ୍ଛା ହେଲା । ସେ ଘୋଡ଼ାବାଲାକୁ ପଚାରିଲା ''କ'ଣ ଆଜ୍ଞା, ଏ ଘୋଡ଼ାର ଦାମ୍ କେତେ ନେବେ ?'' ଘୋଡ଼ାବାଲା କହିଲା 'ପୂରା ଶହେ ଟଙ୍କା ପଡ଼ିବ ।'' ପିଲାଟି କହିଲା, ''ମୋ ପାଖରେ ତ ଜମା ପଚାଶ ଟଙ୍କା ଅଛି ।''

ଘୋଡ଼ାବାଲା ରାଗିଯାଇ କହିଲା- ''ଏଠୁ ପଳା । ଏ ଘୋଡ଼ା । ଗଧ ନୁହେଁ ଯେ ପଚାଶ ଟଙ୍କାରେ ମିଳିଯିବ ।'' ପିଲାଟି ଚିନ୍ତା କରି କହିଲା, ''ଆମେ ଗୋଟେ କାମ କରିବା । ତୁମେ ମୋତେ ଘୋଡ଼ାଟି ଦେଇଦିଅ । ମୁଁ ଏ ପଚାଶ ଟଙ୍କା ତୁମକୁ ନଗଦ ଦେଉଛି ।'' ଘୋଡ଼ାବାଲା କହିଲା, ''ଆଉ ବାକି ପଚାଶ ?'' ପିଲାଟି ସାଙ୍ଗେ ସାଙ୍ଗେ କହିଲା, ''ସେଥିପାଇଁ ତୁମେ ତୁମ ଘୋଡ଼ାଟି ଫେରାଇ ନିଅ । ସଉଦା କେମିତି ହେଲା ?'' ଘୋଡ଼ାବାଲାଟି କଥା ବୁଝିପାରିଲା ।



ସେ ତ କୌଣସି ସାଧୁସନ୍ଥ ନ ଥିଲା । ପଚାଶ ଟଙ୍କା ଓ ଘୋଡ଼ା ସବୁ ନେଇ ସେ ସେଠାରୁ ଖୁସିରେ ଚାଲିଗଲା । ଏ ପିଲାଟି ବି ଖୁବ୍ ଖୁସି ଥିଲା । ସେ ଟିକ୍‌ଟିକ୍ ଶବ୍ଦ କରି ଘୋଡ଼ା ଚଳାଇବାର ଖେଳ ଖେଳି ଖେଳି ନିଜ ଘରକୁ ଆସିଲା । ବାପାଙ୍କୁ କହିଲା, ''ପାପା, ପାପା, ମୁଁ ଆଜି ଗୋଟେ ଘୋଡ଼ା କିଣିଛି ।''

ବାପା କହିଲେ ''ଘୋଡ଼ା କାହିଁ ?''


ପିଲାଟି କହିଲା ''କଥାଟି ଏମିତିକି ଗୋଟେ ଘୋଡ଼ା ମୁଁ ଶହେ ଟଙ୍କାରେ କିଣିଲି । କିନ୍ତୁ ମୋ ପାଖରେ ତ ପଚାଶ ଟଙ୍କା ଥିଲା । ସେ ପଚାଶ ଟଙ୍କା ମୁଁ ଘୋଡ଼ାବାଲାକୁ ଦେଇଦେଲି । ଆଉ ବାକି ପଚାଶ ଟଙ୍କା ବଦଳରେ ମୁଁ ତାକୁ ଘୋଡ଼ା ଫେରାଇ ଦେଲି । ଆମେ ନିଜ ମୁଣ୍ଡରେ ଅଯଥା କରଜ କାହିଁକି ରଖିବା ? ବାପା କହିଲେ- ''ଆରେ ହେ ପିଣ୍ଡାଓଲୁ, ବାଃ, ତୋ ଅକଲକୁ ଆଉ କ'ଣ କହିବି ?''


## ୨. ମହାମୂର୍ଖର କଥା

ଜଣେ ମହାମୂର୍ଖ ଥିଲା । ସେ ଥରେ ନିଜ ଭଉଣୀ ଘରକୁ ଯାଇଥିଲା । ଭଉଣୀ ଭାରି ଆନନ୍ଦରେ ଭାଇକୁ ଚୁର୍‌ମା ଲଡୁ ଖୁଆଇଲା । ଭାଇକୁ ଲଡୁ ଭାରି ପସନ୍ଦ ହେଲା । ସେ ଭଉଣୀକୁ ପଚାରିଲା- ''ଏ ଲଡୁର ନାମ କ'ଣ ?'' ଭଉଣୀ କହିଲା ''ଚୁର୍‌ମା'' । ଭାଇ ଭାବିଲା କି ଘରେ ପହଞ୍ଚି ମୁଁ ଚୁର୍‌ମା ଲଡୁ ତିଆରି କରିବି ଓ ମନଭରି ଖାଇବି । ସେ ମନେ ମନେ ଚୁର୍‌ମା ଚୁର୍‌ମା ଘୋଷି ଘୋଷି ଘରକୁ ଫେରିଲା ।

ସେ ଜାଣିଥିଲା, ଘୋଷିବନି ତ ଭୁଲିଯିବ । ରାସ୍ତାରେ ଗୋଟିଏ ଛୋଟିଆ ନାଳ ପଡ଼ିଲା, ତାକୁ ପାରି ନ ହୋଇ ଆଗକୁ ଯିବା କଷ୍ଟକର ଥିଲା । ସେ ଗୋଟେ କୌଶଳ କଲା । କାଠରେ ଗୋଟେ ଛୋଟିଆ ପୋଲ ତିଆରି କଲା ଓ ନାଳ ପାରି ହୋଇଗଲା । ଏହି ଗଣ୍ଡଗୋଳ ଭିତରେ ସେ 'ଚୁର୍‌ମା' ଶବ୍ଦ ଭୁଲିଗଲା ଓ ତା' ସ୍ଥାନରେ 'ସୁର୍‌ମା' ଶବ୍ଦ ତା' ପାଟିରେ ପଶିଗଲା । କିଛି ସମୟ ପରେ ଘରେ ପହଞ୍ଚି ସେ ନିଜ ଘରଣୀକୁ କହିଲା, ''ଶୁଣ, ଫଟାଫଟ ମୋ ପାଇଁ 'ସୁର୍‌ମା' ତିଆରି କର । ମୁଁ ଖାଇବି । ମୋ ଭଉଣୀ ବହୁତ ମିଠା 'ସୁର୍‌ମା' ତିଆରି କରିଥିଲା ।'' ଘରଣୀ ଚିନ୍ତାରେ

ପଡ଼ିଗଲେ । ସୁରମା ତ ଆଖିରେ ଲଗା ହୁଏ । ତାକୁ କ'ଣ ଖିଆଯାଇପାରେ ? ଏକଥା ସେ ବୁଝିପାରିଲାନି । ସୁରମା ତିଆରି ଡେରି ହେବା ଦେଖି ମହାମୂର୍ଖର ରାଗ ବଢ଼ିଗଲା । ସେ କହିଲା, ''ନିଷ୍କର୍ମା, ତିଆରି କରୁନୁ, କଖାରୁ ଭଳି ବସିରହିଛୁ କାହିଁକି ?'' ଘରଣୀ କହିଲା, ''ସୁରମା କେମିତି ତିଆରି ହୁଏ ମୁଁ ତ ଜାଣିନି । ତୁମ ସୁରମାବାଲୀ ଭଉଣୀ ଜାଣିଛି । ତା' ଘରକୁ ପୁଣିଥରେ ଯାଅ । ତା' ହାତତିଆରି ସୁରମା ଖାଅ । ଏ କଥା ଶୁଣି ମହାମୂର୍ଖର ରାଗର ପାରା ଚଢ଼ିଗଲା । ପାଖରେ ଗୋଟିଏ ବାଡ଼ି ପଡ଼ିଥିଲା । ତାକୁ ଉଠାଇ ସେ ନିଜ ସ୍ତ୍ରୀକୁ ପିଟିବାକୁ





ଧାଇଁଲା । ପାଟିତୁଣ୍ଡ ଶୁଣି ପଡ଼ିଶାଘର ଲୋକେ ଏକାଠି ହୋଇଗଲେ ।

ସେମାନେ ମହାମୂର୍ଖକୁ ଗାଳିଦେଇ କହିଲେ ''ଆରେ ଆରେ ସ୍ତ୍ରୀକୁ କିଏ ଏମିତି ମାରେ ? ମାରି ମାରି ବିଚାରୀକୁ ଚୁର୍‌ମା ବନାଇ ଦେଲାଣି ।''

ମହାମୂର୍ଖ କହିଲା, ''ହଁ ସେଇଆ, ମୋର ତ ଚୁର୍‌ମା ଲଡୁ ଖାଇବା ଦରକାର । ତା'ର ନାଁ ମୁଁ ଭୁଲିଯାଇଥିଲି, ସମସ୍ତେ କହିଲେ, ''ମହାମୂର୍ଖ କୋଉଠିକାର ।''

## ୩. ଏକ ଗଜମୂର୍ଖର କଥା

ଗୋଟିଏ ବ୍ରାହ୍ମଣ ଥିଲା । ଦିନେ ରାତିରେ ତା' ଘରେ ଚୋର ପଶିଲେ । ଶବ୍ଦ ଶୁଣି ବ୍ରାହ୍ମଣ ତା' ସ୍ତ୍ରୀ କାନରେ ଫୁସ୍‌ଫୁସ୍ କରି କହିଲା, ''ଆହେ, କ'ଣ କିଛି ଶୁଭୁଛି ? ଆମ ଘରେ ଚୋର ପଶିଛନ୍ତି ।''

ସ୍ତ୍ରୀ କହିଲା- ''ହଁ, ସେମିତି ତ ଲାଗୁଛି । ତୁମେ କହିବ ତ ମୁଁ ଜୋର୍‌ରେ ଚିତ୍କାର କରି ସାରା ଗାଁକୁ ଏକାଠି କରିଦେବି ।''

ବ୍ରାହ୍ମଣ କହିଲା- ''ରହିଯା । ମୁଁ ହେଲି ପଣ୍ଡିତ । ବିନା ମୁହୂର୍ତ୍ତ ଦେଖି କୌଣସି କାମ କରେନି । ମୋତେ ମୋ ପୋଥି ଦେଖିବାକୁ ଦିଅ ଯେ ଆଜି ଚିତ୍କାର କରିବାର ମୁହୂର୍ତ୍ତ ଅଛି କି ନାହିଁ ।'' ବ୍ରାହ୍ମଣ ପୋଥି ଦେଖିବାରେ ଲାଗିଲା ।

ସ୍ତ୍ରୀ ଅଧୈର୍ଯ୍ୟ ହୋଇ ପଚାରିଲା- ''କିହୋ, ମୁହୂର୍ତ୍ତ ଅଛି କି ନାହିଁ ?''

ବ୍ରାହ୍ମଣ କହିଲା- ମୁହୂର୍ତ୍ତ କ'ଣ ଫୁଲପତ୍ର ହୋଇଛି ଯେ ଯେତେବେଳେ ଚାହିଁବ ଛିଣ୍ଡେଇ ଆଣିବ । ଏବେ ଛ'ମାସ ପରେ ଯାଇ ମୁହୂର୍ତ୍ତ ଅଛି । ତେଣୁ ଛ'ମାସ ପରେ ଭାବିବା, ଏବେ ଶୋଇଯାଅ ।

ଚୋରମାନଙ୍କ ପାଇଁ ଏବେ ଚିନ୍ତା କରିବାର କୌଣସି କଥା ନ ଥିଲା । ନିଜ ଘର ଭାବି ସେମାନେ ଯାହା ନେବା କଥା ଉଠାଇ ନେଲେ । ଛ'ମାସ ଗଲା । ବ୍ରାହ୍ମଣ କହିଲା, ''ଆଜି ଆମେ ଚୋରକୁ ବୁଦ୍ଧି ଶିଖାଇବା । ଆଜିର ମୁହୂର୍ତ୍ତ ହିଁ ସେଥିପାଇଁ ଏକଦମ୍ ଠିକ୍ ।''

ଯେତେବେଳେ ଅଧରାତି ହେଲା ବ୍ରାହ୍ମଣ ଓ ତା' ସ୍ତ୍ରୀ ଜୋର୍‌ରେ ଚିତ୍କାର କଲେ । ''ଗାଁବାଲାମାନେ ହୁସିୟାର ଚୋର... ଚୋର ପଶିଛନ୍ତି ।'' ଚୋର ଗରିବ ବ୍ରାହ୍ମଣର ଘର ଲୁଟିନେଲେ ଭାବି ପାଖ ପଡ଼ିଶାରୁ ଲୋକେ ଦୌଡ଼ିଆସି ପଚାରିଲେ, ''ଆଜ୍ଞା, କହନ୍ତୁ, ଚୋର କେଉଁଠି ଲୁଚିଛନ୍ତି । ଆମେ ପିଟି ପିଟି ସେମାନଙ୍କର ଚଟଣି କରିଦେବୁ ।''

ବ୍ରାହ୍ମଣ କହିଲା- ''ଭାଇମାନେ, ଚୋର ଛ'ମାସ ପୂର୍ବରୁ ଆସିଥିଲେ । ଆଜି କିନ୍ତୁ ମୁଁ ଖବର ଦେଉଛି ।'' ଲୋକମାନେ କହିଲେ ''ଆଜ୍ଞା, ଆପଣ ତ ଗଜମୂର୍ଖ ପରି ମନେ ହେଉଛନ୍ତି । କେଉଁଠି କିଏ ଛ'ମାସ ପରେ ଚୋରି ଡକାୟତିର ଖବର ଦିଏ ? ବ୍ରାହ୍ମଣ କହିଲା ''କିନ୍ତୁ ଭାଇମାନେ, ସେତେବେଳେ ତ ଶୁଭମୁହୂର୍ତ୍ତ ନ ଥିଲା । ମୁଁ କ'ଣ କରିଥାଆନ୍ତି ?''

## ୪. ଏକ ନିର୍ବୋଧର କଥା

ଜଣେ ନିର୍ବୋଧ ଥିଲା । ସେ ଜଙ୍ଗଲରେ ରହୁଥିଲା । ତେଣୁ ସେ କେବେ କୌଣସି ଦୀପ ଦେଖି ନ ଥିଲା । ଦିନେ ସେ ବହୁ ଦୂରର ଏକ ଗ୍ରାମରେ ପହଞ୍ଚିଲା ଓ ଗୋଟିଏ ଗଉଡ଼ ଘରେ ରହିଲା ।



ରାତିରେ ଗଉଡ଼ ଘରେ ଦୀପ ଜଳା ହେଲା । ଚକ୍‌ଚକ୍ ଦୀପ ଦେଖି ନିର୍ବୋଧ ଚିନ୍ତାରେ ପଡ଼ିଗଲା... ଏ ତ କୌଣସି ଅଜବ କଥା ଭଳି ମନେ ହେଉଛି । ରାତିରେ ଯେତେବେଳେ ସମସ୍ତେ ଶୋଇ ପଡ଼ିବେ ସେତେବେଳେ ମୁଁ ଏଇ ଚକଚକିଆକୁ ଘାସ ଗଦାରେ ଲୁଚାଇ ଦେବି । ସକାଳୁ ଘରକୁ ଗଲାବେଳେ ଚୁପ୍‌ଚାପ୍ କାଢ଼ି ନେଇ ଚାଲିଯିବି ।

ସମସ୍ତେ ଶୋଇ ପଡ଼ିଲେ । ନିର୍ବୋଧ ଆସ୍ତେ କରି ଉଠିଲା ଓ ଦୀପ ପାଖରେ ପହଞ୍ଚିଲା । ଖୁବ୍ ସାବଧାନରେ ସେ ଜଳୁଥିବା ଦୀପକୁ ଉଠାଇଲା ଓ ଚୁପ୍‌ଚାପ୍ ଘାସଗଦାରେ ଲୁଚାଇ ରଖିଦେଲା । ତା'ପରେ ସେ ନିଜ ଖଟରେ ଏମିତି ଶୋଇପଡ଼ିଲା ଯେ ଯେମିତି କେହି କିଛି ଜାଣିପାରିବେନି । କିଛି ସମୟ ପରେ ସେଠାରେ ଧୁ ଧୁ ନିଆଁ ଜଳିଉଠିଲା, ନିର୍ବୋଧ ଶୀଘ୍ର ଦଉଡ଼ିଯାଇ ସେଠାରେ କିଛି ଖୋଜିଲା ।

ଲୋକମାନେ ପଚାରିଲେ ''କ'ଣ ଖୋଜୁଛ ? ଘୁଞ୍ଚିଯାଅ ନ ହେଲେ ଜଳି ମରିଯିବ ।'' ସେ କହିଲା, ''ସେଠି ମୋର ଚକଚକିଆ ଅଛି । ମୁଁ ତାକୁ ଘାସରେ ଲୁଚାଇ ଦେଇଛି ।''

ଲୋକେ ପଚାରିଲେ, ''ଏ ଚକଚକିଆଟି କ'ଣ ?'' ସେ କହିଲା, ''ସେଇ, ଯିଏ ରାତିରେ ଗୁଆ ଉପରେ ରଖା ହୋଇଥିଲା । ଚକ୍‌ଚକ୍ ଚକ୍‌ଚକ୍ ହେଉଥିଲା । ସମସ୍ତେ କହିଲେ, ''ନିର୍ବୋଧ । ଏ ନିଆଁ ତୁ ଲଗାଇଛୁ ।'' ସମସ୍ତେ ମିଶି ନିର୍ବୋଧକୁ ଗାଁରୁ ତଡ଼ିଦେଲେ ।

## ୫. ବୋକା ବାଳକ କଥା

ଜଣେ ଗଉଡ଼ ଥିଲା । ତା'ର ଗୋଟିଏ ପୁଅ ଥିଲା । ସେ ସବୁଦିନେ ଗାଈ ଚରାଇବାକୁ ଜଙ୍ଗଲକୁ ଯାଉଥିଲା । ଦିନେ ସେ ଜଙ୍ଗଲ ଆଡ଼କୁ ଯାଉଥିବାବେଳେ ରାସ୍ତାରେ ତା'ର ଜଣେ ବ୍ରାହ୍ମଣ ସହିତ ଦେଖା ହେଲା । ବ୍ରାହ୍ମଣ ଚୁଟ୍‌କି ବଜାଉଥିଲା ଓ ରାମ ରାମ ଗାଉଥିଲା । ଏକଥା ଶୁଣି ପୁଅଟି ଭାରି ଆଶ୍ଚର୍ଯ୍ୟ ହେଲା । ସେମିତି ଶବ୍ଦ ସେ ପୂର୍ବରୁ କେବେ ଶୁଣି ନ ଥିଲା । ତେଣୁ ପଚାରିଲା, ''ଆଜ୍ଞା, ଆପଣ ଏ କ'ଣ ବଜାଉଛନ୍ତି ?'' ବ୍ରାହ୍ମଣ ଚାଲାକ ଥିଲା । ସେ ସାଙ୍ଗେ ସାଙ୍ଗେ ଉତ୍ତର ଦେଲା । କହିଲା, ''ଆରେ ପୁଅ ଏ ତ ମୋର ଧନ୍ନୋ । ମୁଁ ଯାକୁ ପାଳିଛି ।'' ପୁଅ କହିଲା, ''ଆଜ୍ଞା, ଆପଣ ମୋତେ ନିଜ ଧନ୍ନୋକୁ ଦେଇ ଦିଅନ୍ତୁ । ମୁଁ ମୋ ଗାଈ ତନ୍ନୋକୁ ଆପଣଙ୍କୁ ଦେଇଦେବି । ବ୍ରାହ୍ମଣ ସେଇ କଥା ହିଁ ଚାହୁଁଥିଲା । ସେ ବାଳକକୁ ଚଞ୍ଚଳ ଚୁଟ୍‌କି ବଜାଇବା ଶିଖାଇ ଦେଲା ଓ ଗାଈ ନେଇ ଚାଲିଗଲା ।''

ବାଳକଟି ଖୁସି ହୋଇ ଘରେ ପହଞ୍ଚିଲା । ଅଗଣାରେ ଖଟ ପକାଇ ଜେଜେବାପା ବସିଥିଲେ । ତାକୁ ଦେଖି ବାଳକଟି ଚୁଟ୍‌କି ବଜାଇ କହିଲା, ''ଜେଜେ, ଜେଜେ ମୁଁ ଆମ ତନ୍ନୋକୁ ଦେଇ ଏ ଧନ୍ନୋ ଆଣିଛି । ଟିକେ ଶୁଣ ତ । ଏ କେତେ ସୁନ୍ଦର ବାଜୁଛି ।'' ଜେଜେ ସେ ବାଳକଠୁଁ କିଛି କମ୍ ନ ଥିଲେ । କହିଲେ, ''ଆରେ ବାଃ, ଏ ଧନ୍ନୋ ତ ଭାରି ମଜାଦାର ଜିନିଷ । ଫଟାଫଟ ବାଜୁଛି ଓ ଝଟାପଟ୍ କଥା କହୁଛି ।'' ବାଳକଟିର ଖୁସିର ସୀମା ନ ଥିଲା । ଯେତେବେଳେ ଖାଇବା ସମୟ ହୋଇଗଲା ବାଳକ ତା' ମାଆକୁ ପଚାରିଲା, ''ମାଆ, ଧନ୍ନୋକୁ ମୁଁ କୋଉଠି ରଖିବି ?'' ମା' କହିଲା, ''ସେ ସରାରେ ରଖିଦେ । ହଁ ଟିକେ ସମ୍ଭାଳି କରି ରଖିବୁ ।''

ସେଦିନ ରାତିରେ ପିଲାଟି ଖୁବ୍ ଖୁସିରେ ଦି'ଗୁଣା ଖାଦ୍ୟ ଖାଇଲା । କିନ୍ତୁ ଯେତେବେଳେ ହାତ ଧୋଇ ସାରି ଧନ୍ନୋକୁ ନେବାକୁ ପହଞ୍ଚିଲା ତ ତାକୁ ସରାରେ ଧନ୍ନୋ ମିଳିଲାନି । ତା' ମୁହଁ ଶୁଖିଗଲା । ସେ କହିଲା, ''ମାଆ, ମୋ ଧନ୍ନୋ କୁଆଡ଼େ ଚାଲିଗଲା ।'' ଜେଜେବାପା ପଚାରିଲେ ''ଏବେ ତ ଏଇଠି ଥିଲା, ଆଉ ଏବେ ଚାଲିଗଲା । ଲାଗୁଛି ସରା ତାକୁ ଗିଳିଦେଲା ।'' ସମସ୍ତେ ଏକା ସାଙ୍ଗରେ କହିଲେ ସରାକୁ ତଡେଇବାକୁ ପଡ଼ିବ । ତାକୁ ତଡାଇବା ପରେ ହିଁ ଧନ୍ନୋ

ଫେରିଆସିବ । ଅଗଣାରେ ବଡ଼ ଚୁଲୀ ଜଳା ହେଲା ଓ ସେଥିରେ ସରାକୁ ପକାଇ ଦିଆଗଲା । ନିଆଁ ବଢ଼ିବାରୁ ସରା ଚଡ଼କିଗଲା । ପିଲାଟି ଅଜାଣତରେ ଚୁଟ୍‌କି ବଜାଇଲା । ପୁଣି କହିଲା, ଆରେ ଦେଖ, ମୋ ଧନ୍ନୋ ମୋତେ ମିଳିଗଲା, ''ଏକଥା ଶୁଣି ସମସ୍ତେ ଖୁସି ହେଲେ ।''

## ୬. ଜଣେ ବୁଦ୍ଧୁରାମର କଥା

ବୁଦ୍ଧୁରାମ ଥିଲା ଜଣେ ଷ୍ଟେସନ ମାଷ୍ଟର । ଥରେ ତା' ଭଣଜା ବେମାର ପଡ଼ିଲା । ତା' ଦେହ ଖବର ବୁଝିବାକୁ ବୁଦ୍ଧୁରାମ ଗାଁକୁ ଗଲା । ଭଣଜା ଦେହ ଭଲ ଥିଲା । ବୁଦ୍ଧୁରାମ ନିଜ ଘରକୁ ଫେରିବା ସମୟରେ ସେ ଗାଁର ଗୋଟିଏ ଗୁଡ଼ିଆ ସହିତ ଦେଖା ହେଲା । ଗୁଡ଼ିଆ ଖୁବ୍ ମଉଜିଆ ସ୍ୱଭାବର ଥିଲା । ସେ କହିଲା, ''କକା, ଆପଣ କୁଆଡ଼େ ଯାଇଥିଲେ ?'' ବୁଦ୍ଧୁରାମ କହିଲା, ''ଭଣଜା ଘରକୁ ।'' ଗୁଡ଼ିଆ କହିଲା, ''ତେବେ ତ ଆପଣଙ୍କୁ କିଛି ଜଣା ନ ଥିବ !'' ବୁଦ୍ଧୁରାମ କହିଲା, ''ନାଇଁ ଭାଇ, ଦି'ଦିନ ଭିତରେ ବି କ'ଣ ହୋଇଥିବ ? ତୁମ ଖୁଡୀ ଠିକ୍ ଅଛନ୍ତି ତ ?'' ଗୁଡ଼ିଆ କହିଲା, ''ଏବେ ମୁଁ କ'ଣ କରିବି କକା, ମୋ ପାଟି ତ ଖୋଲୁନି । ହାୟରେ କପାଳ, ଆମ ଖୁଡ଼ୀ ବିଧବା ହୋଇଗଲେ । ଖୁବ୍ ଅନର୍ଥ ହୋଇଗଲା କକା, ଅନର୍ଥ ହୋଇଗଲା ।''

ବୁଦ୍ଧୁରାମ ଚମକିଲା, ''କ'ଣ କହିଲୁ ? ତୁମ ଖୁଡ଼ୀ ସତରେ ବିଧବା ହୋଇଗଲା ? ଅସମ୍ଭବ । ସେ ତ ଖୁବ୍ ବଳୁଆ ଓ ଇଂଜିନ୍ ଭଳି ମୋଟୀ ଥିଲା । ସେ ବିଧବା କେମିତି ହୋଇପାରିବ ?''

ଗୁଡ଼ିଆ ମନକୁ ମନ ହସି ହସି ଆଗକୁ ଚାଲିଗଲା । ବୁଦ୍ଧୁରାମ ନିଜ ଗଳିମୁଣ୍ଡ ଯାଏ ଆସିଲା ଓ ମୁହଁରେ ଗାମୁଛା ଘୋଡ଼େଇ ହୋଇପଡ଼ିଲା, ପୁଣି ଗଳା ଫଟାଇ କାନ୍ଦିବାରେ ଲାଗିଲା । ଗଳିର ଲୋକମାନେ ଏକାଠି ହୋଇଗଲେ । ବୁଦ୍ଧୁରାମ ନିଜ ଘରକୁ ଆସି ଚଉତରା ଉପରେ ବସିପଡ଼ି ମୁଣ୍ଡ ବାଡ଼େଇବାରେ ଲାଗିଲା । ଭିତରୁ ତା' ଝିଅ ଦଉଡ଼ି ଆସିଲା । ସେ ଭାବିଲା ଭଣଜା ବୋଧେ ମରିଗଲା । ଝିଅ କହିଲା, ''ବାପା, କାନ୍ଦିବାରେ କି ଲାଭ ? ଯାହା ତ ହେବାର ଥିଲା, ହୋଇଗଲା ।'' ବୁଦ୍ଧୁରାମ ଚୁପ୍‌କରି ଆଖି ପୋଛିଲା । ଏବେ ଝିଅ ପଚାରିଲା, ''ଆପଣଙ୍କ ଭଣଜା ତ ଯୁବକ ଥିଲା । ଅଚାନକ ସେ କେମିତି ମରିଗଲା । ସେ କହିଲା ଝିଅ, ଭଣଜା ଏକଦମ୍ ସୁସ୍ଥ ଅଛି । ଏଠି

ତ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଲା । ରାସ୍ତାରେ ମୋତେ ମାଧ ଗୁଡ଼ିଆ ଖବର ଦେଲା ଯେ ତୋ ମାଆ ବିଧବା ହୋଇଗଲା । ଝିଅ, ମୁଁ କାନ୍ଦିବିନି ତ କ'ଣ କରିବି ?''

ଝିଅ କହିଲା, ''କିନ୍ତୁ ବାପା, ଯେତେବେଳେ ଆପଣ ଜୀବିତ ଅଛନ୍ତି ମୋ ମାଆ କେମିତି ବିଧବା ହେବ ?'' ବୁଦ୍ଧୁରାମ କହିଲା, ''ଆରେ ହଁ ତ, ଏକଥା ମୋ ମନକୁ ଆସି ନ ଥିଲା କାହିଁକି ?''





## ଥଣ୍ଡା ଥଣ୍ଡା ବରଷା ଟୋପା

ଗୋଟିଏ ବୁଢ଼ୀ ଥିଲା । ସେ କୁଡ଼ିଆରେ ରହୁଥିଲା । ବର୍ଷାଦିନେ ମୁଷଳଧାରାରେ ବର୍ଷା ହେଲା । ବୁଢ଼ୀ ଚାଳରୁ ପାଣି ଗଳିଲା ଟପ୍ ଟପ୍ ଟପ୍ । ରାତିରେ ଗୋଟିଏ ସିଂହ ବୁଢ଼ୀର କୁଡ଼ିଆ ପଛଆଡ଼େ ଆଶ୍ରୟ ନେଇଥିଲା । ଭିତରେ ବୁଢ଼ୀ ଥଣ୍ଡାରେ କମ୍ପୁଥିଲା । ତା' ଲୁଗାପଟା ଓଦା ହୋଇଯାଇଥିଲା । ତଥାପି ବର୍ଷା ଟୋପା ପଡୁଥିଲା । ସେ ଥଣ୍ଡା ଥଣ୍ଡା ବୁନ୍ଦା ବୁଢ଼ୀ ଉପରେ ପଡୁଥିଲା । ବୁଢ଼ୀ କହିଲା :

**ମୁଁ ସିଂହକୁ ଡରେନି ହେ ରାମ**
**ମୁଁ ବାଘକୁ ଡରେନି ହେ ଶ୍ୟାମ**
**ମୁଁ ତ ଏ ଥଣ୍ଡା ଥଣ୍ଡା ଟୋପାକୁ ଡରୁଛି ।**

ବୁଢ଼ୀର କଥା ଶୁଣି ସିଂହ ଚିନ୍ତାରେ ପଡ଼ିଗଲା । ଏ ବୁଢ଼ୀ ସିଂହକୁ ଡରୁନି । ବାଘକୁ ବି ଡରୁନି । କେବଳ ଥଣ୍ଡା ଥଣ୍ଡା ଟୋପାକୁ ଡରୁଛି । ତେବେ ଏ ଥଣ୍ଡା ଥଣ୍ଡା ଟୋପା କ'ଣ ? ସେତିକିବେଳେ ବୁଢ଼ୀର ପିଠିରେ ଗୋଟିଏ ବଡ଼ ବର୍ଷା ଟୋପା ପଡ଼ିଗଲା । ବୁଢ଼ୀର ଦେହ ଶୀତେଇ ଗଲା । ସେ କହିଲା :

**ମୁଁ ସିଂହକୁ ଡରେନି ହେ ରାମ**
**ମୁଁ ବାଘକୁ ଡରେନି ହେ ଶ୍ୟାମ**
**ମୁଁ ତ ଏ ଥଣ୍ଡା ଥଣ୍ଡା ଟୋପାକୁ ଡରୁଛି ।**

ବୁଢ଼ୀ ମୁହଁରୁ ପୁଣି ସେଇ ଶବ୍ଦ ଶୁଣି ସିଂହ ଘାବୁରେଇଗଲା ଓ ଥଣ୍ଡା ଥଣ୍ଡା ଟୋପାରୁ ରକ୍ଷା ପାଇବାକୁ ଲାଙ୍ଗୁଡ଼ ଜାକି ଜଙ୍ଗଲ ଆଡ଼କୁ ଦଉଡ଼ିଲା । ରାସ୍ତାରେ ବରଗଛଟିଏ ଥିଲା । ଗୋଟିଏ ମାଙ୍କଡ ଥଣ୍ଡାରେ ଥରି ଥରି ଗଛଡାଳରେ ବସିଥିଲା । ଗଛତଳେ ବାଟୋଇଟିଏ ଶୋଇଥିଲା । ସିଂହକୁ ଘାବୁରେଇବା ଦେଖି ମାଙ୍କଡ଼ ପଚାରିଲା, ‘‘ହେ ସିଂହରାଜ, ଆପଣ ତ ଜଙ୍ଗଲର ରାଜା । ଏମିତି ଥରି ଥରି କାହିଁକି ଦୌଡ଼ି ପଳାଉଛନ୍ତି ?’’ ସିଂହ କହିଲା ‘‘ହେ ବଜରଙ୍ଗ, ମୁଁ ଥଣ୍ଡା ଥଣ୍ଡା ଟୋପାକୁ ଡରି ମୋ ଗୁମ୍ଫାରେ ଲୁଚିବାକୁ ଯାଉଛି । ଗୋଟେ ବୁଢ଼ୀ କହୁଥିଲା–

**ମୁଁ ସିଂହକୁ ଡରେନି ହେ ରାମ**
**ମୁଁ ବାଘକୁ ଡରେନି ହେ ଶ୍ୟାମ**
**ମୁଁ ତ ଏ ଥଣ୍ଡା ଥଣ୍ଡା ଟୋପାକୁ ଡରୁଛି ।**

ଗଛ ପାଖରେ ଗୋଟେ ସିଂହ ଠିଆ ହୋଇଥିବାର ଦେଖି ଗଛତଳେ ଶୋଇଥିବା ବାଟୋଇ ଘାବରେଇ ଗଲା । ସେ ଭାବିଲା କାଳେ ସିଂହ ତାକୁ ଖାଇଦେବ । ତେଣୁ ସେ ଗଛ ଉପରେ ଚଢ଼ିଯିବାକୁ ଭାବିଲା । ଯେମିତି ସେ ଗଛ ଚଢ଼ିବା ଆରମ୍ଭ କଲା ମାଙ୍କଡ଼ର ଝୁଲୁଥିବା ଲାଞ୍ଜ ତା’ ହାତରେ ପଡ଼ିଗଲା । ଲାଞ୍ଜ ଧରି ପକାଇବା ବେଳେ ମାଙ୍କଡ଼ ଚମକି ପଡ଼ିଲା, ଏଇଆ ଭାବି ଯେ ଥଣ୍ଡା ଥଣ୍ଡା ଟୋପା ବୋଧେ ଆସି ପହଞ୍ଚିଗଲା । ସେ ଜୋର୍‌ରେ ଚିତ୍କାର କରି ଗଛ ଉପରୁ ଡେଇଁ ପଡ଼ିଲା । ବାଟୋଇ ହାତରୁ ଲାଞ୍ଜଟି ଖସିଗଲା । ସେ ବି ଆସି ତଳେ ପଡ଼ିଲା । ଯେତେବେଳେ ମାଙ୍କଡ଼ଟି ଚିତ୍କାର କଲା ଓ ବାଟୋଇ ଧଡ଼ାସ୍ କରି ତଳେ ପଡ଼ିଲା, ସେତେବେଳେ ସିଂହ ବି ବୁଝିଗଲା ଯେ ଥଣ୍ଡା ଥଣ୍ଡା ଟୋପା ଆସି ପହଞ୍ଚିଗଲା । ସେ ଏତେ ଡରିଗଲା ଯେ ଦଉଡ଼ି ଦଉଡ଼ି ଦୂରକୁ ଚାଲିଗଲା ।

ସେ ରାତିରେ ଜଣେ ଚାଷୀର ଛେଳି ହଜି ଯାଇଥିଲା । ଛେଳି ଖୋଜି ଖୋଜି ଚାଷୀଟି ଜଙ୍ଗଲରେ ବୁଲୁଥିଲା । ଅନ୍ଧାରରେ ସିଂହ ସହିତ ତା’ର ଧକ୍‌କା ହୋଇଗଲା । ଚାଷୀ ଭାବିଲା ତା’ର ଛେଳି ସହିତ ଧକ୍‌କା ହୋଇଛି । ତେଣୁ ସେ ତାକୁ ବହୁତ ନାତ ମାରିଲା ଓ ତା’ କାନ ମୋଡ଼ି ଦି’ଚାରି ଚାପୁଡ଼ା ବି ପକାଇଲା । ସିଂହ ଭାବିଲା ଏବେ ତ ମୁଁ ଯେମିତି ହେଲେ ମରିବି । ମୁଁ ଏ ଥଣ୍ଡା ଥଣ୍ଡା



ଟୋପା କବଳରୁ ଖସି ଯାଇପାରିବିନି । ଏଇ ଡରରେ ସେ ଚାଷୀର ମାଡ଼ ବି ସହିଗଲା ଓ ଚୁପ୍‌ଚାପ୍ ବିଲେଇ ଭଳି ଚାଷୀ ସାଙ୍ଗରେ ଚାଲିବାକୁ ଲାଗିଲା । ଘରେ ପହଞ୍ଚି ଚାଷୀ ତାକୁ ଛେଳି ଖୁଣ୍ଟରେ ବାନ୍ଧି ଦେଲା ।


ସକାଳୁ ଉଠି ଚାଷୀର ସ୍ତ୍ରୀ ଛେଳି ଛାଡ଼ିବାକୁ ଆସି ଛେଳି ଜାଗାରେ ସିଂହ ବନ୍ଧା ହୋଇଥିବା ଦେଖିଲା । ଏହା ଦେଖି ତା' ଉପରେ ବଜ୍ର ପଡ଼ିଯିବା ଭଳି ସେ ସ୍ଥିର ହୋଇଗଲା । ପୁଣି ଦଉଡ଼ି ଦଉଡ଼ି ଭିତରକୁ ଯାଇ ଚାଷୀକୁ ସବୁ କଥା କହିଲା । ଚାଷୀ ଝରକାବାଟେ ଚାହିଁ ଦେଖିଲା । ସେ ଜାଣିପାରିଲା, ଖୁଣ୍ଟରେ ଛେଳି ନୁହେଁ ବରଂ ସିଂହଟିଏ ବନ୍ଧା ହୋଇଛି । ସେ ଚୁପ୍‌ଚାପ୍ ବାହାରକୁ ଆସି ସିଂହ ବେକରେ ବନ୍ଧା ହୋଇଥିବା ଦଉଡ଼ି କାଟିଦେଲା ଓ ଧାଇଁ ଯାଇ ଘରେ ପଶିଗଲା ।

ସିଂହ ଭାବିଲା, ଠିକ୍ ହେଲା । ତାକୁ ଥଣ୍ଡା ଥଣ୍ଡା ଟୋପାଠାରୁ ମୁକ୍ତି ମିଳିଗଲା । ସେ ଜଙ୍ଗଲ ଆଡ଼କୁ ଲାଞ୍ଜ ଜାକି ଧାଇଁ ପଳାଇଲା ।

# ଅକଲ ଗୁଡୁମ୍ ହୋଇଗଲା

ଗୋଟିଏ କୁଆ ଥିଲା । ସେ ସବୁଦିନ ବଣିଆ ପୁଅର ହାତରୁ ପୁରି ଛଡ଼ାଇ ନେଉଥିଲା । ବଣିଆ ତାକୁ ବୁଦ୍ଧି ଶିଖାଇବାକୁ ଠିକ୍ କଲା । ନିଜେ ବଣିଆ ମୁହଁରେ ଦହି ଭର୍ତ୍ତି କଲା । ପୁଣି ସେ ଗାଁ ବାହାରେ ଥିବା ଅଶ୍ୱତ୍ଥ ଗଛ ତଳେ ଯାଇ ମଲା ଭଳି ଶୋଇପଡ଼ିଲା । ସେତେବେଳେ କୁଆ ଉଡ଼ି ଉଡ଼ି ଆସି ସେଠି ପହଞ୍ଚିଲା । ସେ ଭାବିଲା ଏ ବଣିଆ ତ ମରିଗଲା । ଏବେ ମୁଁ ତା' ମୁହଁରେ ଥିବା ଦହି ଖାଇପାରିବି । ଯେମିତି କୁଆ ବଣିଆ ମୁହଁରେ ନିଜ ଥଣ୍ଟ ମାରିଲା ବଣିଆ ତା' ମୁହଁ ବନ୍ଦ କରିଦେଲା । କୁଆର ଥଣ୍ଟ ବଣିଆର ଦାନ୍ତ ଭିତରେ ରହିଗଲା ।

ଏବେ କୁଆ ଶୀଘ୍ର ଚିନ୍ତା କଲା- ''ଏ ଥଣ୍ଟ ଛଡ଼ାଇବାର ଉପାୟ ଖୋଜିବାକୁ ପଡ଼ିବ । ସେ କୌଣସି ପ୍ରକାରେ ବଣିଆର ପାଟି ଖୋଲାଇବାକୁ ବଣିଆକୁ ପଚାରିଲା, ''କିଏ ? ଆପଣ କ'ଣ ନନ୍ଦୁ କାକା ?'' ବଣିଆ ଭାବିଲା ଯଦି ଜବାବ ଦେବି ତ ମୁହଁ ଖୋଲିଯିବ ଆଉ କୁଆ ଉଡ଼ିଯିବ । ତେଣୁ ଦାନ୍ତ ଜାକି ସେ କହିଲା- ''ହୁଁ ତୋ କକା ।'' କୁଆର ତ ଅକଲ ଗୁଡୁମ୍, କାରଣ ଦାନ୍ତ ଦାବି କଥା



କହିବାରୁ ତା'ର ଥଣ୍ଟ ଜୋରରେ ଦାବି ହୋଇଗଲା ଓ ସେ ଦରମରା ହୋଇଗଲା । ଏବେ ବଣିଆ ଭାବିଲା କୁଆକୁ ଯଥେଷ୍ଟ ଦଣ୍ଡ ମିଳିଲାଣି । ତାକୁ ଛାଡ଼ି ଦେବା ଦରକାର । ସେ କୁଆକୁ ଛାଡ଼ିଦେଲା । ତା'ପରେ କୁଆ ବଣିଆ ପୁଅ ହାତରୁ ପୁରି ଭିଡ଼ି ନେବା ବି ଭୁଲିଗଲା ।





## ଓଲଟା ଗଙ୍ଗା

ଗୋଟିଏ ତେଜରାତି ଦୋକାନୀ ଥିଲା । ସେ ଭାରି ସରଳ । ସେ ଟିକେ ଆଡ଼ପାଗଳ ବି ଥିଲା । ସେ ଗୋଟିଏ ଛୋଟ ଦୋକାନ ଚଳାଉଥିଲା । ଡାଲି, ମୁଡୁକି, ରାବିଡ଼ି ଭଳି ଜିନିଷ ବିକୁଥିଲା ଓ ସନ୍ଧ୍ୟା ସୁଦ୍ଧା ନିଜ ପାଇଁ ଡାଲି ରୁଟିର ବନ୍ଦୋବସ୍ତ କରି ନେଉଥିଲା । ଦିନେ ଦୋକାନ ବନ୍ଦ କରି ଘରକୁ ଯାଉଥିବାବେଳେ ରାସ୍ତାରେ କେତୋଟି ଚୋର ଦେଖା ହେଲେ । ଦୋକାନୀ କଡ଼ା ଭାବରେ ତାଙ୍କୁ ପଚାରିଲା, ''ଏ ସମୟରେ ଅନ୍ଧାରରେ କୁଆଡ଼େ ଯାଉଛ ?'' ଚୋର କହିଲେ ଆମେ ସୌଦାଗର । ଆପଣ କାହିଁକି ଆମକୁ ମନା କରୁଛନ୍ତି ? ଦୋକାନୀ କହିଲା- ''କିନ୍ତୁ ରାତି ପହରେ ହେବା ପରେ ଆପଣ କୁଆଡ଼େ ଯାଉଛନ୍ତି ?'' ଚୋର କହିଲେ- ''ମାଲ କିଣିବାକୁ ।'' ଦୋକାନୀ ପଚାରିଲା, ''ମାଲ ନଗଦ କିଣିବ ନା ଉଧାରରେ ।'' ଚୋର କହିଲେ, ''ନଗଦ ନୁହେଁ କି ଉଧାରରେ ନୁହେଁ। ପଇସା ତ ଦେବାକୁ ନାହିଁ ।'' ଦୋକାନୀ କହିଲା, ''ଆପଣଙ୍କ ପେସା ତ ବଢ଼ିଆ । କ'ଣ ଆପଣମାନେ ମୋତେ ସାଙ୍ଗରେ ନେବେ ?'' ଚୋରମାନେ ଖୁସିରେ କହିଲେ, ''ନିଶ୍ଚୟ ଚାଲନ୍ତୁ । ଆପଣଙ୍କର ଲାଭ ହିଁ ହେବ ।''

ଦୋକାନୀ କହିଲା, ''ଏବେ ମତେ କୁହ ଏ ଧନ୍ଦା କେମିତି ହୁଏ ?'' ଚୋର କହିଲେ ''ଲେଖ, କାହା ଘରର ବାଡ଼ିପଟେ ଚୁପ୍‌ଚାପ୍ ଗଳିଯିବ । ଦୋକାନୀ ସାଙ୍ଗେ ସାଙ୍ଗେ କହିଲା, ଲେଖିଲି ।'' ଚୋର କହିଲେ, ''ପୁଣି ପାଦ ଚିପିଚିପି ଘର ଭିତରକୁ ପଶିବ ।'' ଦୋକାନୀ କହିଲା, 'ଲେଖିଲି ।' ଚୋର କହିଲେ, ''ଯାହା ନେବାର ଥିବ ଉଠାଇ ନେବ ।'' ଦୋକାନୀ କହିଲା,

'ଲେଖିଲି' । ଚୋର କହିଲେ, ''ଘର ମାଲିକକୁ ପଚାରିବନି କି ତାକୁ କିଛି ପଇସା ଦେବନି ।'' ଦୋକାନୀ କହିଲା, 'ଲେଖିଲି' । ଚୋର କହିଲେ, 'ଯାହା ବି ମାଲ ମିଳିବ, ତାକୁ ନେଇ ଘରେ ପହଞ୍ଚିଯିବ ।'

ଦୋକାନୀ ସବୁ କଥା ଲେଖି କାଗଜଖଣ୍ଡିକ ନିଜ ପକେଟରେ ରଖିଲା । ପରେ ସମସ୍ତେ ଚୋରି କରିବାକୁ ବାହାରିଲେ । ଚୋରମାନେ ଗୋଟିଏ ଘରେ ପଶିଲେ ଓ ଦୋକାନୀ ଆଉ ଗୋଟେ ଘରେ । ସେଠି କାଗଜରେ ଯାହା ଲେଖା ହୋଇଥିଲା ଦୋକାନୀ ତାହାହିଁ କଲା । ପ୍ରଥମେ ସେ ସେହି ଘରର ବାରିପଟେ ଚୁପ୍‌ଚାପ୍ ପଶିଗଲା । ପୁଣି ପାଦ ଟିପିଟିପି ଘର ଭିତରକୁ ପଶିଲା । ଦିଆସିଲି ମାରି ଦୀପ ଜଳାଇଲା । ଗୋଟିଏ ବସ୍ତା ଖୋଜି ସେଥିରେ ପିତଳର ସାନବଡ଼ ବାସନ ଭର୍ତ୍ତି କରିବାରେ ଲାଗିଲା ।

ସେତିକିବେଳେ ଗୋଟିଏ ବଡ଼ ତସଲା ତା' ହାତରୁ ଖସିପଡ଼ିଲା । ଘରସାରା ବଡ଼ ଶବ୍ଦ ହେଲା । ଘର ଲୋକେ ଉଠିପଡ଼ିଲେ । ସମସ୍ତେ ଚୋର ଚୋର ଚିତ୍କାର କରି ଦୋକାନୀକୁ ଘେରିଯାଇ ପିଟିବାରେ ଲାଗିଲେ । ଦୋକାନୀ ଆଶ୍ଚର୍ଯ୍ୟ ହେଲା । ସେ ନିଜ ପକେଟରୁ କାଗଜଖଣ୍ଡିକ ବାହାର କଲା ।

ଯେତେବେଳେ ସବୁ ଲୋକ ତାକୁ ପିଟୁଥିଲେ ସେ କହୁଥିଲା, ''ଭାଇମାନେ, ଟିକେ ରୁହ । ଏ ବ୍ୟାପାର ତ କାଗଜରେ ଲେଖା ହୋଇଥିବା ବ୍ୟାପାରଠାରୁ ପୂରା ଓଲଟା । ଏଠି ତ ଓଲଟା ଗଙ୍ଗା ବୋହୁଛି ।''

ଦୋକାନୀ କଥା ଶୁଣି ସମସ୍ତେ ଚିନ୍ତାରେ ପଡ଼ିଗଲେ । ମାରପିଟ ବନ୍ଦ କରି ସମସ୍ତେ ପଚାରିଲେ, ''ଏ ତୁମେ କ'ଣ କହୁଛ ?'' ଦୋକାନୀ କହିଲା, ''ଦେଖ, ଏ କାଗଜଖଣ୍ଡକ ଦେଖ । ଏଠି କୋଉଠି ମାଡ଼ପିଟ କଥା ଲେଖା ହୋଇଛି କି ? ସେ ଘରର ଲୋକେ ବୁଝିଗଲେ । ଏ ଚୋର ନୁହେଁ । ୟାକୁ କିଏ ବୋକା ବନାଇଛି । ସେମାନେ ଦୋକାନୀକୁ ଘରୁ ବାହାର କରିଦେଲେ ।





# ଫୁଲେଇ ମୟୂରୀ



ଗୋଟିଏ ମୟୂର ଓ ଗୋଟିଏ ମୟୂରୀ ଥିଲେ । ଦିହେଁ ସାଙ୍ଗ ହୋଇ ଦାନା ଖୁଣ୍ଟୁଥିଲେ । ମଝିରେ ଗୋଟେ ଶୁଆ ଆସିଲା । ଶୁଆ ମୟୂରୀକୁ ମନେଇବା ଦେଖି ମୟୂରୀ କହିଲା :

**ମୁଁ ଫୁଲେଇ ମୟୂରୀ**  
**ମୋର ଅବା କିସ ଡର**  
**ମୟୂର ପଛକେ ସୁନ୍ଦର ହେଉ**  
**ମୋତି ଭଳି ମନ 'ହୀରାମନ'ର**

ଏକଥା କହି ମୟୂରୀ ଶୁଆ ସାଙ୍ଗରେ ଚାଲିଗଲା । ମୟୂରକୁ ଖୁବ୍ ଖରାପ ଲାଗିଲା ।

ସେ କହିଲା, ''ମୁଁ ଚଢ଼େଇମାନଙ୍କ ପଞ୍ଚାୟତ ଡାକିବି ଓ ନ୍ୟାୟ ମାଗିବି ।'' ମୟୂର ବାହାରିଲା । ରାସ୍ତାରେ ତା'ର ଗୋଟେ କୁକୁଡ଼ା ସହିତ ଦେଖା ହେଲା । କୁକୁଡ଼ା ପଚାରିଲା, ''ମୟୂରଭାଇ, ମୟୂରଭାଇ ! କୁଆଡ଼େ ଚାଲିଲ ?''

ମୟୂର କହିଲା, ''ଚଢ଼େଇଙ୍କ ପଞ୍ଚାୟତ ଡାକିବାକୁ, ମୋ ମୟୂରୀ ଶୁଆ ସାଙ୍ଗରେ ପଳେଇଛି । ତୁମେ ସଭାକୁ ଆସିବ ନା ?''

କୁକୁଡ଼ା କହିଲା :

**ଆମ ଡାକରେ ସକାଳ ହୁଏ**
**ଙ୍ଗ ଆମର ଫିକା**
**କିଏ ଆମକୁ ବିଶ୍ୱାସ କରିବ**
**କରମ ଆମ ବଙ୍କା ।**

କୁକୁଡ଼ା ମୟୂର ସହିତ ଗଲା ନାହିଁ । ମୟୂର ଆଉ ଟିକିଏ ଆଗକୁ ଗଲା ଓ ଗୋଟିଏ ବାଇଚଢ଼େଇ ସହିତ ତା'ର ଭେଟ ହେଲା । ''ମୟୂରଭାଇ, ମୟୂରଭାଇ ! କୁଆଡ଼େ ଯାଉଛ ?'' ବାଇଚଢ଼େଇ ପଚାରିଲା ।

ମୟୂର କହିଲା, ''ଚଢ଼େଇମାନଙ୍କ ପଞ୍ଚାୟତ ଡାକିବାକୁ । ମୋ ମୟୂରୀ ଶୁଆ ସାଙ୍ଗରେ ପଳେଇଲା । ତୁମେ ସଭାକୁ ଆସିବ ତ ?''

ବାୟା କହିଲା :

**ଆମେ ତ ବାୟା ବୋଲାଉଥାଉ**
**ସବୁଠୁ ଭିନେ ଆମରି ବସା**
**ଯେ ପୁରୁଷ ହୋଇ କାନ୍ଦେ**
**ସେ ହୋଇଥାଏ ଲୋକହସା ।''**

ବାୟା ମୟୂର ସାଙ୍ଗରେ ଗଲାନି । ଦୁଃଖୀ ମୟୂର ଆଗକୁ ଚାଲିଲା । ରାସ୍ତାରେ ବଣି ଚଢ଼େଇ ସହିତ ତା'ର ଦେଖା ହେଲା । ବଣି ପଚାରିଲା, ''ମୟୂରଭାଇ, ମୟୂରଭାଇ ! କୁଆଡ଼େ ଯାଉଛ ?''

ମୟୂର କହିଲା, ପକ୍ଷୀମାନଙ୍କ ପଞ୍ଚାୟତ ଡାକିବାକୁ । ମୋ ମୟୂରୀ ଶୁଆ ସାଙ୍ଗରେ ପଳାଇଛି । ତୁମେ ସଭାକୁ ଆସିବ ତ ?''

ବଣି କହିଲା :

**ଆମେ ଏ ଦେଶର ବଣି ଚଢ଼େଇ**
**ଲଢ଼େଇ କରିବା ପେସା ଆମର**
**ପଞ୍ଚାୟତ ଭାରି ଗଣ୍ଡଗୋଳିଆ**
**ସେଠି ବା କି କାମ ଅଛି କାହାର ?**

ମୟୂର ଆଗକୁ ଚାଲିଲା । ରାସ୍ତାରେ ଗୋଟେ ବଗୁଲା ସହିତ ତା'ର ଦେଖା ହେଲା । ''ମୟୂରଭାଇ, ମୟୂରଭାଇ ! କୁଆଡ଼େ ଯାଉଛ ?'' ବଗୁଲା ପଚାରିଲା ।

ମୟୂର କହିଲା, ଚଢ଼େଇମାନଙ୍କ ପଞ୍ଚାୟତ ଡାକିବାକୁ, ମୋ ମୟୂରୀ ମୋତେ ଛାଡ଼ି ଶୁଆ ସାଙ୍ଗରେ ଚାଲିଯାଇଛି । ଭାଇ, ଟିକେ ସମୟ କାଢ଼ି ପଞ୍ଚାୟତକୁ ଆସିବ ନା ?

ବଗୁଲା କହିଲା :

**ଆମେ ତ ବଗୁଲା ଦିଶୁ ଧୋବଲା**
**ଲମ୍ୱା ଆମରି ବେକ**
**ତୁମ କଥା ତୁମେ ଜାଣ**
**ଆମର ଅଛି ଟେକ ।**

ମୟୂର ଚିନ୍ତା କଲା । ଏବେ ମୁଁ ବାଜପକ୍ଷୀ ପାଖକୁ ଯିବି । କାଳେ ସେ ମୋ ସହିତ ଯାଇପାରେ । ମୟୂର ଯାଉ ଯାଉ ରାସ୍ତାରେ ହିଁ ବାଜ ସହିତ ତା'ର ଦେଖା ହୋଇଗଲା । ବାଜ ପଚାରିଲା ''ମୟୂରଭାଇ, ମୟୂରଭାଇ ! କୁଆଡ଼େ ଚାଲିଲ ?''

ମୟୂର କହିଲା, ''ଚଢ଼େଇମାନଙ୍କ ପଞ୍ଚାୟତ ଡାକିବାକୁ । ମୋ ମୟୂରୀ ଶୁଆ ସାଙ୍ଗରେ ପଳେଇଯାଇଛି । ସଭାକୁ ଆସିବାକୁ କେହି ରାଜି ହେଲେନି । ବାଜ ଭାଇ, ତୁମେ ତ ଆସିବ ନା ?

ବାଜ କହିଲା-

**ଆମେ ହେଲୁ ବାଜ ବାହାଦୁର**
**ଆମରି ମଥା ଚନ୍ଦା**
**ଶତ୍ରୁକୁ ଆମେ ବୁଦ୍ଧି ଶିଖାଉ**
**ଟାଣୁଆ ଆମ ପଞ୍ଝା ।**

ମୟୂର ଖୁସି ହୋଇଗଲା । ବାଜକୁ ନିଜ ସାଙ୍ଗରେ ନେଇ ସେ ବଣି, ବାୟା, ବଗୁଲା ବଗୁଲୀ ପାଖରେ ପହଞ୍ଚିଲା । ପକ୍ଷୀମାନଙ୍କ ପଞ୍ଚାୟତ ବସିଲା । ସମସ୍ତେ ବାଜକୁ କହିଲେ କି ସେ ଶୁଆକୁ ଖୋଜି ଆଣି ପଞ୍ଚାୟତରେ ପେଶ୍ କରୁ । ଯଥାଶୀଘ୍ର ବାଜ ଉଡ଼ିଲା ଓ ଶୁଆର କାନ ଧରି ସମସ୍ତଙ୍କ ଆଗକୁ ନେଇ ଆସିଲା । ପଞ୍ଚମାନେ କହିଲେ, ''ହୀରାମନ, ମୟୂରକୁ ତା ମୟୂରୀ ଦେଇଦିଅ ।'' ଶୁଆ କହିଲା, ''ମୁଁ ଦେବିନି ।'' ପଞ୍ଚମାନେ କହିଲେ ''ବାଜଭାଇ, ହୀରାମନକୁ ବୁଦ୍ଧି ଶିଖାଇ ଦିଅ ଓ ମୟୂରକୁ ତା' ମୟୂରୀ ଫେରାଇ ଦିଅ ।''

ବାଜ କହିଲା :

**ଆମେ ହେଲୁ ବାଜ ବାହାଦୁର**
**ଆମରି ମଥା ଚନ୍ଦା**
**ଶତ୍ରୁକୁ ଆମେ ବୁଦ୍ଧି ଶିଖାଉ**
**ଟାଣୁଆ ଆମ ପଞ୍ଝା ।''**

ଏହା କହି ବାଜ ଶୁଆ ଉପରକୁ ଝପଟି ପଡ଼ିଲା । ଶୁଆ ଡରିଗଲା । କହିଲା, ''ମୋ... ମୋ... ମୋର ଦରକାର ନାହିଁ କାହାର ମ...ମ...ମ... ମୟୂରୀ । ସେ ତ ମ...ମ...ମ... ମୟୂରର ଶୋଭା । ଭଲ ହେଲା ତାକୁ ମ...ମ...ମ... ମୟୂର ହିଁ ରଖୁ ।''

ମୟୂରକୁ ତା' ମୟୂରୀ ମିଳିଗଲା ଓ ପକ୍ଷୀଙ୍କ ପଞ୍ଚାୟତ ଭାଙ୍ଗିଲା ।



# ତିତାକଣ୍ଠ ଶୀତଲମ୍



ଜଣେ ମିଆଁସାହେବ ଥିଲେ । ଦିନେ ସେ ଘରୁ ବାହାରିଲେ । ତାଙ୍କ ବିବି ଶ୍ରଦ୍ଧାରେ ପରଟା ତିଆରି କରି ବାଟପାଇଁ ଦେଇଥିଲେ । ପରଟାର ପୁଟୁଳି ପଛପଟେ ଧରି ମିଆଁଜୀ ଯାଉଥିଲେ । ରାସ୍ତାରେ ଜଣେ ରାଜପୁତଙ୍କ ସହିତ ତାଙ୍କର ଦେଖାହେଲା ।

ସାଙ୍ଗ ହୋଇ କିଛି ଦୂର ଯିବା ପରେ ମିଆଁଜୀ ପଚାରିଲେ, ''ଆଜ୍ଞା, ଆପଣଙ୍କ ନାମ କ'ଣ ? ରାଜପୁତ କହିଲେ- ''ମୋ ନାଁ ଶେର୍ ସିଂହ ।'' ମିଆଁଜୀ ମନକୁ ମନ କହିଲେ ''ଚେହେରା ତ ମୂଷା ପରି । କିନ୍ତୁ ମତେ ଡରାଇବାକୁ 'ଶେର୍' ହୋଇଛି । ଏ ଭିତରେ ରାଜପୁତ ପଚାରିଲେ- ''ଭାଇ, ଆପଣଙ୍କ ନାମ କ'ଣ ?''

ମିଆଁଜୀ ଗର୍ବରେ କହିଲେ, ''ଦୁଇ ଶେର୍, ଦୁଇ ଶେରନୀ, ତିନି ନାଗ ଆଉ ତା' ଉପରେ ଶହେ ବିଛାର ଗୋଟେ ଟୋକେଇ ।''

ରାଜପୁତ ବୁଝିଗଲା ଯେ ମିଆଁଜୀ ମିଛିମିଛିକା ବଡ଼େଇ କରୁଛନ୍ତି । ଠିକ୍



ସେ ତ କୌଣସି ସାଧୁସନ୍ଥ ନ ଥିଲା । ପଚାଶ ଟଙ୍କା ଓ ଘୋଡ଼ା ସବୁ ନେଇ ସେ ସେଠାରୁ ଖୁସିରେ ଚାଲିଗଲା । ଏ ପିଲାଟି ବି ଖୁବ୍ ଖୁସି ଥିଲା । ସେ ଟିକ୍‌ଟିକ୍ ଶବ୍ଦ କରି ଘୋଡ଼ା ଚଳାଇବାର ଖେଳ ଖେଳି ଖେଳି ନିଜ ଘରକୁ ଆସିଲା । ବାପାଙ୍କୁ କହିଲା, ''ପାପା, ପାପା, ମୁଁ ଆଜି ଗୋଟେ ଘୋଡ଼ା କିଣିଛି ।''

ବାପା କହିଲେ ''ଘୋଡ଼ା କାହିଁ ?''

ପିଲାଟି କହିଲା ''କଥାଟି ଏମିତିକି ଗୋଟେ ଘୋଡ଼ା ମୁଁ ଶହେ ଟଙ୍କାରେ କିଣିଲି । କିନ୍ତୁ ମୋ ପାଖରେ ତ ପଚାଶ ଟଙ୍କା ଥିଲା । ସେ ପଚାଶ ଟଙ୍କା ମୁଁ ଘୋଡ଼ାବାଲାକୁ ଦେଇଦେଲି । ଆଉ ବାକି ପଚାଶ ଟଙ୍କା ବଦଳରେ ମୁଁ ତାକୁ ଘୋଡ଼ା ଫେରାଇ ଦେଲି । ଆମେ ନିଜ ମୁଣ୍ଡରେ ଅଯଥା କରଜ କାହିଁକି ରଖିବା ? ବାପା କହିଲେ- ''ଆରେ ହେ ପିଣ୍ଡାଓଲୁ, ବାଃ, ତୋ ଅକଲକୁ ଆଉ କ'ଣ କହିବି ?''

## ୨. ମହାମୂର୍ଖର କଥା

ଜଣେ ମହାମୂର୍ଖ ଥିଲା । ସେ ଥରେ ନିଜ ଭଉଣୀ ଘରକୁ ଯାଇଥିଲା । ଭଉଣୀ ଭାରି ଆନନ୍ଦରେ ଭାଇକୁ ଚୁର୍‌ମା ଲଡ୍ଡୁ ଖୁଆଇଲା । ଭାଇକୁ ଲଡ୍ଡୁ ଭାରି ପସନ୍ଦ ହେଲା । ସେ ଭଉଣୀକୁ ପଚାରିଲା- ''ଏ ଲଡ୍ଡୁର ନାମ କ'ଣ ?'' ଭଉଣୀ କହିଲା ''ଚୁର୍‌ମା'' । ଭାଇ ଭାବିଲା କି ଘରେ ପହଞ୍ଚି ମୁଁ ଚୁର୍‌ମା ଲଡ୍ଡୁ ତିଆରି କରିବି ଓ ମନଭରି ଖାଇବି । ସେ ମନେ ମନେ ଚୁର୍‌ମା ଚୁର୍‌ମା ଘୋଷି ଘୋଷି ଘରକୁ ଫେରିଲା ।

ସେ ଜାଣିଥିଲା, ଘୋଷିବନି ତ ଭୁଲିଯିବ । ରାସ୍ତାରେ ଗୋଟିଏ ଛୋଟିଆ ନାଳ ପଡ଼ିଲା, ତାକୁ ପାରି ନ ହୋଇ ଆଗକୁ ଯିବା କଷ୍ଟକର ଥିଲା । ସେ ଗୋଟେ କୌଶଳ କଲା । କାଠର ଗୋଟେ ଛୋଟିଆ ପୋଲ ତିଆରି କଲା ଓ ନାଳ ପାରି ହୋଇଗଲା । ଏହି ଗଣ୍ଡଗୋଳ ଭିତରେ ସେ 'ଚୁର୍‌ମା' ଶବ୍ଦ ଭୁଲିଗଲା ଓ ତା' ସ୍ଥାନରେ 'ସୁର୍‌ମା' ଶବ୍ଦ ତା' ପାଟିରେ ପଶିଗଲା । କିଛି ସମୟ ପରେ ଘରେ ପହଞ୍ଚି ସେ ନିଜ ଘରଣୀକୁ କହିଲା, ''ଶୁଣ, ଫଟାଫଟ ମୋ ପାଇଁ 'ସୁର୍‌ମା' ତିଆରି କର । ମୁଁ ଖାଇବି । ମୋ ଭଉଣୀ ବହୁତ ମିଠା 'ସୁର୍‌ମା' ତିଆରି କରିଥିଲା ।'' ଘରଣୀ ଚିନ୍ତାରେ

ରାସ୍ତାରେ ଗୋଟେ ନଦୀ ପଡ଼ିଲା । ଦିହେଁ ଭାବିଲେ, ଏବେ ଏଠି ଖାଇନେବା । ରାଜପୁତ ଭାରି ଗରିବ ଥିଲା । ତା' ଝୁଲାରେ ଯଅରୁଟି ଓ ଲଙ୍କା ଥିଲା । ସେ ତାକୁ ଖୋଲି ଖାଇବାକୁ ବସିଲା । ମିଆଁଜୀ ତ ଧନୀ ଥିଲେ । ତାଙ୍କ ବେଗମ୍ ଆଳୁ ମଟରର ସୁଆଦିଆ ପରଟା ତିଆରି କରି ଦେଇଥିଲେ । ରାଜପୁତ ଯଅରୁଟି ଖାଉଥିଲା । ମଝିରେ ମଝିରେ ଲଙ୍କା ଖଣ୍ଡେ ଖାଇ ପୁଣି ପାଣି ପିଇ ରୁଟି ଚୋବେଇ ଚୋବେଇ ଗିଳୁଥିଲା । ମିଆଁଜୀ ମଉଜରେ ପରଟା ଖାଉଥିଲେ ଓ ବେଗମ୍‌ଙ୍କର ତାରିଫ୍ କରୁଥିଲେ । ''ବାଃ... ବାଃ... କି ପରଟା ତିଆରି କରିଛି । ଶୁଭାନ୍ ଆଲ୍ଲା ।''

ରାଜପୁତ ବିଚାରୀ ଚୁପ୍‌ଚାପ୍ ଶୁଣୁଥିଲା । ଟିକେ ରହି ମିଆଁଜୀ କହିଲେ, ''ଆଜ୍ଞା ଶେର୍ ସିଂହ, ଆପଣ କ'ଣ ଖାଉଛନ୍ତି ? ମଝିରେ ମଝିରେ ଏତେ ପାଣି କାହିଁକି ପିଉଛନ୍ତି ।''

ରାଜପୁତ୍ ଭାବିଲା ଏଇ ହେଉଛି ସୁଯୋଗ । ଶହେ ବିଛାବାଲା ଟୋକେଇକୁ ଏବେ ଛାଞ୍ଚରେ ପକାଇ ହେବ ।

ସେ କହିଲା, ''ଭାଇ, ଏ ତ ମୁଁ ତିତାକଣ୍ଢ ଶୀତଲମ୍ ଖାଉଛି ।'' ମିଆଁଜୀ କହିଲେ ଏ ଖାଦ୍ୟ ତ ମୁଁ କେବେ ଶୁଣିନି କି ଚାଖିନି । ଶୁଣ ମୋର ଏ ପରଟା ତୁମେ ନିଅ ଆଉ ତୁମ ତିତାକଣ୍ଢ ମୋତେ ଦେଇଦିଅ ।

ଦୁହେଁ ନିଜ ନିଜ ଭିତରେ ଖାଦ୍ୟ ବଦଳାଇ ଦେଲେ । ଯେମିତି ମିଆଁଙ୍କ ପରଟା ରାଜପୁତ ହାତକୁ ଆସିଲା ସେ ତାକୁ ଶୀଘ୍ର ଶୀଘ୍ର ଶେଷ କରିଦେଲା । ପୁଣି ପାଣି ପିଇସାରି ହାକୁଡ଼ି ମାରିଲା । ଏ ପାଖରେ ମିଆଁଜୀ ତିତାକଣ୍ଢ ଖାଇବାରେ ଲାଗିଲେ। କିନ୍ତୁ ଯଅର ଶୁଖିଲା ରୁଟି ଓ ଲଙ୍କାମରିଚ ତଣ୍ଟିରୁ ତଳକୁ ଯାଉଛି କେମିତି ? ମିଆଁଜୀ ଖୁବ୍ ମୁସ୍କିଲ୍‌ରେ ଢୋକେ ଢୋକେ ପାଣି ପିଇ ରୁଟିରୁ ଦି ତିନିଖଣ୍ଡ ଗିଳିଲେ । ପୁଣି କହିଲେ, ''ଆଜ୍ଞା, ଆପଣଙ୍କ ତିତାକଣ୍ଢ ଆପଣଙ୍କ ପାଖରେ ରଖନ୍ତୁ । ମୋତେ ମୋ ପରଟା ଫେରାଇ ଦିଅନ୍ତୁ ।''

ରାଜପୁତ କହିଲା, ଭାଇ ଆପଣଙ୍କ ପରଟା ତ ମୋ ପେଟରେ ପହଞ୍ଚି ସାରିଲାଣି । ଆପଣଙ୍କର ତିତାକଣ୍ଢ ଖାଇବାର ଅଛି ତ ଖାଆନ୍ତୁ ନ ହେଲେ ନଈକୁ ଫିଙ୍ଗିଦିଅନ୍ତୁ ।

ମିଆଁଜୀଙ୍କ ମୁହଁ ଶୁଖିଗଲା । ସେତେବେଳକୁ ତାଙ୍କ ନାମ ଦୁଇ ଶେର୍, ଦୁଇ ଶେର୍‌ନୀ, ତିନି ନାଗ ଓ ତା ଉପରେ ଶହେ ବିଛାର ଚୋକେଇରୁ ମେଁ... ମେଁ... ମେଁ... ମେଁ କରି ଛେଳି ପାଲଟି ଯାଇଥିଲା ।



# ଭୂତ, ପ୍ରେତ ନା ମୂଷିକା !

ଚାରିଜଣ ମୂଷା ଥିଲେ । ସେମାନେ ଭାରି ସାଙ୍ଗ ଥିଲେ । ଜଣେ ଅଟା ଚକିରେ, ଜଣେ ହାଟରେ, ଜଣେ ରାସ୍ତାରେ ଆଉ ଜଣେ କ୍ଷେତରେ ରହୁଥିଲେ । ଦିନେ ଜଣେ ଚାଷୀ ତା' ବଳଦଗାଡ଼ି ନେଇ କ୍ଷେତକୁ ଯାଉଥିଲା । କେମିତି କେଜାଣି ରାସ୍ତାରେ ରହୁଥିବା ମୂଷା ବଳଦଗାଡ଼ି ଚକତଳେ ରହିଗଲା । ଖାଲି ଚକ ତଳେ ଚକଟି ହୋଇ ଗଲାନି, ଚକରେ ଲାଖିଗଲା । ଗାଡ଼ି କ୍ଷେତରେ ପହଞ୍ଚିଲା । ଯେତେବେଳେ ଚାଷୀ ଗାଡ଼ିରେ ଧାନ ଭର୍ତ୍ତି କରୁଥିଲା, ସେତେବେଳେ କ୍ଷେତରେ ରହୁଥିବା ମୂଷା ଚକରେ ଲାଖିଥିବା ମୂଷାକୁ ଦେଖି କାନ୍ଦିଲା । ସେ ପୁଣି ଚାଷୀ ହାତରେ ଖବର ପଠାଇଲା :



**ଜଗତର ବାପା କୃଷକଭାଇ**
**ଆରେ ଧାନବାଲା ମୋ ବଡ଼ଭାଇ**
**ହାଟବାଲୀକୁ ତୁ କହିବୁ ଯାଆ**
**ବୁଡ଼ିଗଲା ବାଟବାଲୀର ନାଆ ।**

ଏକଥା ଶୁଣି ଚାଷୀ ଚମକିଲା । କହିଲା, ଏକଥା କିଏ କହିଲା ? ଏଠି ତ କେହି ମଣିଷ ନାହିଁ ।

ମୂଷା ପୁଣି କହିଲା :

**ଜଗତର ବାପା କୃଷକଭାଇ**
**ଆରେ ଧାନବାଲା ମୋ ବଡ଼ଭାଇ**
**ହାଟବାଲୀକୁ ତୁ କହିବୁ ଯାଆ**
**ବୁଡ଼ିଗଲା ବାଟବାଲୀର ନାଆ ।**



ଚାଷୀ ଚାରିଆଡ଼କୁ ଅନାଇଲା । ବାରମ୍ବାର ଦେଖିଲା କିନ୍ତୁ କେହି କୋଉଠି ଦିଶିଲେନି । ସେ ଡରିଗଲା ଓ ବଳଦଗାଡ଼ି ଛାଡ଼ି ଦେଇ ଭୂତ ଭୂତ ଚିତ୍କାର

କରି ଧାଇଁଲା ।

କିଛି ସମୟ ପରେ ସେ ଘରକୁ ଆସି ତେଜରାତି ଦୋକାନରୁ ତେଲ ଆଣିବାକୁ ହାଟକୁ ଗଲା । ସେଠି ସେ ବଣିଆକୁ କହିଲା, ''ଆଜି ସତରେ ଆଶ୍ଚର୍ଯ୍ୟ ହୋଇଗଲା ।'' କ୍ଷେତକୁ ବଳଦଗାଡ଼ି ନେଇ ଯାଇଥିଲି ତ ସ୍ୱର ଶୁଭିଲା :

**ଜଗତର ପିତା କୃଷକଭାଇ**
**ଆରେ ଧାନବାଲା ମୋ ବଡ଼ଭାଇ**
**ହାଟବାଲୀକୁ ତୁ କହିବୁ ଯାଆ**
**ବୁଡ଼ିଗଲା ବାଟବାଲୀର ନାଆ ।**

ସେତେବେଳେ ହାଟରେ ଥିବା ମୂଷୀ ଚିତ୍କାର କଲା । 'ଏକଥା କିଏ କହିଲା ?'' ଦୋକାନୀ ଓ ଚାଷୀ ଏକାଠି କହି ପକାଇଲେ ''ଆରେ ଏକଥା କିଏ କହିଲା ?''

ହାଟବାଲୀ ମୂଷୀ ପୁଣି ପଚାରିଲା, ''ଭାଇ ଏ ଖବର କିଏ ପଠାଇଛି ?''

ଚାଷୀ କହିଲା, ''ଶେଠଜୀ ଦଉଡ଼ ! ଏ ଦୋକାନରେ ବି ଭୂତ ପ୍ରେତ ଅଛନ୍ତି ।'' ଦୁହେଁ ଦୋକାନ ଛାଡ଼ି ଧାଇଁଲେ ।

ଘରେ ପହଞ୍ଚି ଚାଷୀ ନିଜ ପତ୍ନୀକୁ କହିଲା, ''ତୁମେ କିଛି ଶୁଣିଲ କି ?'' ଆଜିତ ଖୁବ୍ ଆଶ୍ଚର୍ଯ୍ୟର କଥା ହେଲା । କ୍ଷେତରେ ବଳଦଗାଡ଼ି ଠିଆ କରି ମୁଁ ସେଥିରେ ଧାନ ଭର୍ତ୍ତି କରୁଥିଲି ତ କିଏ କହିଲା :

**ଜଗତର ପିତା କୃଷକଭାଇ**
**ଆରେ ଧାନବାଲା ମୋ ବଡ଼ଭାଇ**
**ହାଟବାଲୀକୁ ତୁ କହିବୁ ଯାଆ**
**ବୁଡ଼ିଗଲା ବାଟବାଲୀର ନାଆ ।**

ମୁଁ ତ ଏମିତି ଡରିଗଲି ଯେ ଗାଡ଼ି ଛାଡ଼ି ଦଉଡ଼ିଲି । ଏବେ ହାଟକୁ ତେଲ କିଣିବାକୁ ଗଲି ତ ସେଠାରେ ମଧ୍ୟ ଚମତ୍କାର ହେଲା । ମୁଁ ଶେଠଜୀଙ୍କୁ କହୁଥିଲି କି ଆଜି ଆମ କ୍ଷେତରେ କିଏ ଅଦୃଶ୍ୟ ମଣିଷ କଥା କହୁଥିଲା । ସେତେବେଳେ ଦୋକାନରୁ କିଏ କହିଲା– ''ଭାଇ, ଏକଥା ତୁମକୁ କିଏ

କହିଲା ?'' ମୁଁ ତ ସେଠାରୁ ଦୌଡ଼ର ଘୋଡ଼ା ଭଳି ଧାଇଁଲି । ଲାଗୁଛି ଯେମିତି କେହି ଆମ ପଛରେ ପଡ଼ିଛି ।''

ଏତିକିବେଳେ ଅଟା ଚକି ତଳୁ ତୃତୀୟ ମୂଷୀ ପଦାକୁ ଆସି କହିଲା, ''ଭାଇ, ମୁଁ ଜାଣିଛି । ଏ ଖବର କିଏ ପଠାଇଛି । ବାଟବାଲୀ ସାଙ୍ଗ ତ ମରିଗଲା । ଆଉ କ୍ଷେତବାଲୀ, ହାଟବାଲୀ ସାଙ୍ଗ ଦୁହେଁ ମୋତେ ଏ ଖବର ପଠାଇଛନ୍ତି । ହାୟ, ଏ ତ ବଡ଼ ବିଷମ ଅବସ୍ଥା ହେଲା ।''

କୃଷକ ଏଥର ଗୋପନ କଥାଟି ବୁଝିପାରିଲା । ସେ କହିଲା, ''ଧେତ୍ ତେରିକା, ଏ ତ ମୂଷୀ କହିଥିଲା । ମୁଁ ବେକାରରେ ଡରିଗଲି ।''

କୃଷକର ସ୍ତ୍ରୀ କହିଲା, ତୁମେ ତ ପିଲାଙ୍କ ପରି । ଏ ଛୋଟ ମୂଷୀ ବି ତୁମକୁ ଡରାଇ ଦେଉଛି ?



# କୁଟିଳ ବୁଦ୍ଧିବାଲା ଦୋକାନୀ

ଢଣେ ପଣ୍ଡିତ ଓ ଜଣେ ସାଧୁ ଥିଲେ । ଦୁହେଁ ସାଙ୍ଗ ହୋଇ ବୁଲି ବାହାରିଲେ । ଗରମ ଦିନ ଥିଲା । ଦିପହର ବେଳ । ଦୁହିଁଙ୍କୁ ଶୋଷ କଲା । କିନ୍ତୁ ଆଖପାଖରେ କେଉଁଠି ପାଣି ନ ଥିଲା । ଭୋକ ବି ଲାଗୁଥିଲା । ମନକୁ ମନ ପଲାଉ କଥା ଭାବି ଭାବି ଦୁଇଜଣ ଆଗକୁ ଯାଉଥାଆନ୍ତି । ରାସ୍ତାରେ ଜଣେ ତେଜରାତି ଦୋକାନୀ ସହିତ ସେମାନଙ୍କର ଦେଖାହେଲା । ସେ ବି ଶୋଷିଲା ଓ ଭୋକିଲା ଥିଲା । ତିନିହେଁ ମିଶି ଠିକ୍ କଲେ ଯେ ରାସ୍ତାରେ ଯାହା କିଛି ଖାଇବାକୁ ମିଳିବ, ସମାନ ସମାନ ବାଣ୍ଟିନେବେ ।





ଚାଲୁ ଚାଲୁ ବାଟରେ ଗୋଟିଏ ଆଖୁ କ୍ଷେତ ପଡ଼ିଲା । ପ୍ରଥମେ ପଣ୍ଡିତ କ୍ଷେତରେ ପହଞ୍ଚିଲେ ଓ କହିଲେ ''ନାରାୟଣ, ନାରାୟଣ ।'' ଆଖୁଚାଷୀ ଭାବିଲା ଏ ଭିକାରିଗୁଡ଼ାକ କୋଉଠୁ ଚାଲି ଆସୁଛନ୍ତି । ଏଠାରେ ତ କିଛି ଭର୍ତ୍ତି ଭଣ୍ଡାର ନାହିଁ ଯେ ତାଙ୍କୁ ଦେଇ ଦେବ ଓ ସେ ଚାଲିଯିବେ । ସେ ବ୍ରାହ୍ମଣକୁ ତଡ଼ିଦେଲା ।

ଏବେ ଲେଙ୍ଗୁଟିପିନ୍ଧା ସାଧୁ କ୍ଷେତରେ ପହଞ୍ଚି କହିଲେ, ''ଅଲେଖ ନିରଂଜନ'' ଏକଥା ଶୁଣି କୃଷକ ଭାବିଲା, ଏ ଅଭାଗା ଦେଶରେ ଏମିତି ହାତ ପତେଇବା ଲୋକ କମ୍ ନାହାନ୍ତି । ଏବେ କାହାକୁ କାହାକୁ ଦେବି ଓ କେତେ ଦେବି ?

ସେ ବାବାଜୀଙ୍କୁ ବି ତଡ଼ି ଦେଲା ।

ଏବେ ତେଜରାତି ଦୋକାନୀର ପାଳି ପଡ଼ିଲା । ସେ କ୍ଷେତରେ ପହଞ୍ଚିଲା ଓ କୃଷକକୁ ପଚାରିଲା, ''ଶ୍ରୀମାନ୍, ଏ ଆଖୁରୁ କେବେ ଗୁଡ଼ ତିଆରି ହେବ ?''

କୃଷକ କହିଲା, ''ଶେଠଜୀ, ଆପଣ କେତେ ଗୁଡ଼ କିଣିବେ ?''

ଦୋକାନୀ କହିଲା, ''ଏଇ ଶହେ ମହଣ ଖଣ୍ଡେ ।'' କୃଷକ ମନକୁ ମନ ଭାବିଲା ଯାକୁ ଯେ କହନ୍ତି ଭାଗ୍ୟ ।


କୃଷକ ଓ ଶେଠଜୀ ଦୁହେଁ ମିଶି ଗୁଡ଼ର ଦାମ୍ ଠିକ୍ କଲେ ଓ ଓଜନ କରିବାର ଦିନ ମଧ୍ୟ ପକ୍କା କଲେ । ବିଦାୟ ନେବା ପୂର୍ବରୁ ଦୋକାନୀ କହିଲା ଶ୍ରୀମାନ ସଉଦା ତ ଠିକ୍ ହୋଇଗଲା । କିଛି ନମୁନା ଦେବନି କି ? କୃଷକ କୋଡ଼ିଏଟି ବଢ଼ିଆ ଆଖୁ ଓପାଡ଼ି ଦୋକାନୀ ହାତରେ ଦେଲା ।

ଫେରିବା ପରେ ବଣ୍ଟାବଣ୍ଟି କାମ ଆରମ୍ଭ ହେଲା । ସମସ୍ତଙ୍କୁ ସମାନ ସମାନ ଭାଗ ମିଳିବା ଦରକାର । କିନ୍ତୁ କୁଟିଳ ଦୋକାନୀ ଗୋଟେ କୌଶଳ କଲା । କିଛି ଚିନ୍ତା କରୁଥିବାର ଦେଖାଇ ହୋଇ ସେ କହିଲା, ''ଶୁଣ ବନ୍ଧୁଗଣ, ଶାସ୍ତ୍ରରେ ଲେଖା ହୋଇଛି କି ଶ୍ରେଷ୍ଠ ବ୍ରାହ୍ମଣଙ୍କୁ ଆମେ ପ୍ରଥମ

ଭାଗ ଦେବା କଥା ।''

ଏହା କହି ସେ କୋଡ଼ିଏଟି ଆଖୁର ଉପର ଭାଗ କାଟି ପଣ୍ଡିତଜୀଙ୍କୁ ଦେଇଦେଲା । ପଣ୍ଡିତଜୀ ନିଜ ଭାଗକ ଖୁସିରେ ସ୍ୱୀକାର କଲେ । ପୁଣି ଦୋକାନୀ କହିଲା, ''ଶାସ୍ତ୍ରରେ ଲେଖା ଅଛି କି ଦୋକାନୀକୁ ମଝିଭାଗ ମିଳିବା ଦରକାର ।'' ଏହା କହି ସେ ଆଖୁ ଖଣ୍ଡର ମଝିଭାଗ କାଟି ନିଜ ପାଇଁ ରଖି ଦେଲା ।

ଏବେ ଆଖୁର ତଳ ଭାଗକ ଥିଲା । ଦୋକାନୀ କହିଲା ''ଶାସ୍ତ୍ରର ତୃତୀୟ ବଚନ ଏହା କି ସାଧୁ ମହାରାଜଙ୍କ ପାଇଁ ଚେରବାଲା ଅଂଶ ସବୁଠାରୁ ଭଲ, କାରଣ ଚେରରେ ଅସଲ ଶକ୍ତି ରହିଛି । ସେଥିରୁ ଜଡ଼ିବୁଟି ତ ତିଆରି ହେଉଛି ।'' ଦୋକାନୀ କୌଶଳ କରି ରସରେ ଭରପୂର ଭାଗକ ନିଜପାଇଁ ରଖିଲା । ପଣ୍ଡିତ ଓ ସାଧୁଙ୍କୁ ବି ସେ ଖୁସି କରିଦେଲା । ସମସ୍ତେ ଆନନ୍ଦରେ ନିଜ ନିଜ ଘରକୁ ଫେରିଗଲେ ।



# ଶିକ୍ଷକ ଭାଇ-ଭଉଣୀମାନଙ୍କ ପାଇଁ

ଦେଖନ୍ତୁ, ଏହା ହେଉଛି ପିଲାମାନଙ୍କ କାହାଣୀ । ଆପଣମାନେ ପିଲାମାନଙ୍କୁ ଏହା ଶୁଣାନ୍ତୁ । ପିଲାଏ ଏହାକୁ ଆନନ୍ଦର ସହିତ ବାରବାର ଶୁଣିବେ । କାହାଣୀକୁ ମଜାଳିଆ ଢ଼ଙ୍ଗରେ କୁହନ୍ତୁ, କୋମଳତାର ସହ ପ୍ରକାଶ କରନ୍ତୁ । କାହାଣୀ ଏମିତି ବାଛନ୍ତୁ, ଯାହା ପିଲାମାନଙ୍କ ବୟସ ସହିତ ମେଳ ଖାଉଥିବ । ଭାଇମାନେ, ଏହି କାହାଣୀଗୁଡ଼ିକୁ ଆପଣ ପିଲାମାନଙ୍କୁ ଘୋଷାନ୍ତୁ ନାହିଁ, ବରଂ ପଢ଼ାଇବା ପୂର୍ବରୁ ନିଜେ ଅନୁଭବ କରନ୍ତୁ ଏହି କାହାଣୀଗୁଡ଼ିକ ଯାଦୁର ବାଡ଼ି ପରି ଆଶ୍ଚର୍ଯ୍ୟ ନୁହେଁ କି !

ଯଦି ଆପଣମାନେ ପିଲାମାନଙ୍କ ପ୍ରତି ସ୍ନେହଶୀଳ ତା'ହେଲେ ତା'ର ଆରମ୍ଭ କାହାଣୀରୁ ହିଁ କରନ୍ତୁ । ଯଦି ଆପଣମାନେ ପିଲାମାନଙ୍କଠୁ ଭଲ ପାଇବା ଚାହାନ୍ତି ତା'ହେଲେ କାହାଣୀ ହେଉଛି ତା'ର ଏକମାତ୍ର ମାଧ୍ୟମ । ପଣ୍ଡିତ ହୋଇ କେବେ କାହାଣୀ ଶୁଣାନ୍ତୁ ନାହିଁ । କଣ୍ଢେଇ ପରି ଫୋଡ଼ିବାକୁ ଚେଷ୍ଟା କରନ୍ତୁ ନାହିଁ । ଏ ତ ବହିଲା ଗଙ୍ଗା ପରି । ଏଥିରେ ପ୍ରଥମେ ଆପଣ ବୁଡ଼ ପକାନ୍ତୁ, ପରେ ପିଲାମାନଙ୍କୁ ଗାଧୋଇ ଦିଅନ୍ତୁ ।

ଗିଜୁଭାଇ



nbt.india

एकः सूते सकलम्

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

₹ 70.00

ISBN 812376490-1

9 788123 764900

20211517

Barfili Boond *(Odia)*

